## ସଂକ୍ଷେପରେ

### ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚିତ

ବାଲିଗୁଡ଼ା, ୨୨।୯(ଡି.ଏନ୍.ଏ.):ବାଲିଗୁଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଭାଗୃହରେ ଶନିବାର ଅନୁଷ୍ଠିତ ହାଇଯାଇଛି। ଜିଲା ସଂଘ ସମ୍ପାଦକ ସମରେନ୍ଦ୍ର ଦାସଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବାଲିଗୁଡ଼ା ବ୍ଲକରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ପରେ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ବିଜୟ କୁମାର ମହାରଣା, ଉପ ସଭାପତି ପ୍ରଶାନ୍ତ କୁମାର ବେହେରା, ନୀନାକ୍ଷୀ ତ୍ରିପାଠୀ, ସମ୍ପାଦକ ମଧୁସୂଦନ ବେହେରା, ସହ ସମ୍ପାଦକ ବୈକୁଣ୍ଠ ସେନାପତି, ନମିତା ପ୍ରହରାଜ, କାଶୀନାଥ ସାହୁ, କୋଷାଧକ୍ଷ ରଘୁନାଥ ମହାପାତ୍ର ଏବଂ ସଂଯୋଜକ ଭାବେ ପଦ୍ମଲୋଚନ ପଣ୍ଡା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ୍‌ର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ନିଜ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ନୂତନ ସଭାପତି ଶ୍ରୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ୨୫ ଲକ୍ଷ ଟଙ୍କା ବ୍ୟୟରେ ୯ ପ୍ରକଳ୍ପର ଭିତ୍ତିପ୍ରସ୍ତର

ପୋଲସରା,୨୨।୯(ଡି.ଏନ.ଏ.): ପୋଲସରା ବ୍ଲକ ବଡ଼ପଲ୍ଲୀ ଗ୍ରାମପଞ୍ଚାୟତର ବଡ଼ପଲୀ, କେ.ମୁକ୍ତାମାଳାଦେଈପୁର ଶାସନ ଓ ଉସ୍ତାପଡ଼ା ଗ୍ରାମରେ ଶନିବାର ଆମ ଗାଁ ଆମ ବିକାଶ ଯୋଜନାରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନବୀନବାବୁଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଆସନ୍ତା ଅକ୍ଟୋବର ୨ରୁ ବଞ୍ଚିତ ରହିଥିବା ହିତାଧିକାରୀଙ୍କୁ କାର୍ଡ ସହ ଚାଉଳ ପ୍ରଦାନ କରାଯିବ ବୋଲି ବିଧାୟକ ସାହୁ କହିଥିଲେ । କାର୍ଯ୍ୟକ୍ରମରେ ସୁରେନ୍ଦ୍ର ପ୍ରଧାନ, ଅଶୋକ ବିଶୋୟୀ, ମୋତିରାମ ସାହୁ, ଗୋପାଳ ସାହୁ, ପବିତ୍ର ରାଉତ, ବଳରାମ ସେଠୀ, ସଂଯୁକ୍ତା ବାଡ଼ତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।



### ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

ଶେରଗଡ,୨୨।୯(ଡି.ଏନ୍.ଏ.): ଶେରଗଡ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ ଶୁକ୍ରବାର ରାଜା ପୂର୍ଣ୍ଣଚନ୍ଦ୍ର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନକୁମାର ସିଂଦେଓ, ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମନ୍ଦିରର ପରିଚାଳନା ନେଇ ବିଭିନ୍ନ ସେବାୟତ ମାନଙ୍କ ସହ ଆଲୋଚନା ହୋଇଥିଲା। ପ୍ରଥମେ ପୂର୍ବବୈଠକର ବିବରଣୀ ପାଠ ସହ ମନ୍ଦିର ହୁଣ୍ଡି ଅର୍ଥକୁ ମନ୍ଦିରର ନିତ୍ୟ ବ୍ୟବହାର୍ଯ୍ୟ ଖର୍ଚ୍ଚ କରିବା, ସୁଆର ମାନଙ୍କୁ ଡକାଇ ରୋଷେଇ ଘରର ସମାସ୍ୟା, ଭୋଗ ରନ୍ଧାଯିବ ନେଇ ଆଲୋଚନା ହୋଇଥିଲା। ଜଗନ୍ନାଥ ମନ୍ଦିରର ନିତୀ ଭୋଗ ପାଇଁ ୩୬୫ ଜଣ ସଭ୍ୟଙ୍କୁ ଚୟନ କରାଯାଇ ଜଣେ ସଭ୍ୟ ୫୫୫୫ ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଥିଲା। ପି. ବାବୁଲା ପାତ୍ର ୨୦ ଜଣ ସଭ୍ୟଙ୍କ ଅର୍ଥ ପ୍ରଦାନ କରିବାକୁ କହିଥିଲେ। ବୈଠକରେ ଥାନା ଅଧିକାରୀ ବିଶ୍ୱରଂଜନ ନାୟକ, ସୀତାରାମ ପଟ୍ଟନାୟକ, ଚିନ୍ମୟ ପାତ୍ର , ପ୍ରମୋଦ ଚନ୍ଦ୍ର ସୁବୁଦ୍ଧି ,ବଳରାମ ପାଢ଼ୀଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇଥିଲେ।

## ଫସଲ ବୀମା ଅଗ୍ରଗତି ସମୀକ୍ଷା

# ଗାଡିରୁ ଓହ୍ଲାଉ ନାହାନ୍ତି ଅଧିକାରୀ

ଛତ୍ରପୁର,୨୨।୯(ଡି.ଏନ.ଏ)



ବୈଠକରେ ଜିଲାପାଳ ଏବଂ ଅନ୍ୟମାନେ ଉପସ୍ଥିତ।

ରାଜ୍ୟ ସରକାର କୃଷିକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଜିଲା ପ୍ରଶାସନ ମଧ ସେହି ଅନୁପାତରେ କୃଷି ଓ କୃଷକଙ୍କ ପ୍ରତି ଉତ୍ସର୍ଗୀକୃତ ଭାବେ କାମ କରିବ। ଧାନ ଚାଷ, ଉଦ୍ୟାନ କୃଷି, ଗୋପାଳନ ଏବଂ ମତ୍ସ୍ୟ ଚାଷ ଚାଲିଛି। ଶନିବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରେ ସମ୍ପୃକ୍ତ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଅଧିକାରୀମାନେ ସରକାରୀ ଗାଡିରେ ଯାଇ ବୁଲୁଛନ୍ତି, ମାତ୍ର ଗାଡ଼ିରୁ ଓହ୍ଲାଉ ନ ଥିବା ଜିଲାପାଳ କହିଥିଲେ। ଜିଲାର ୩ ଲକ୍ଷ ୫୦ ହଜାର ଚାଷୀଙ୍କୁ ବୀମା ଭୁକ୍ତ କରିବା ପାଇଁ ବୈଠକରେ ଜିଲାପାଳ କହିଥିଲେ। ନିଜସ୍ୱ ଜମିରେ ଚାଷ କରୁଥିବା ବ୍ୟକ୍ତି ଏବଂ ଭାଗଚାଷୀ ସମସ୍ତେ ବୀମାଭୁକ୍ତ ହେବେ। ବୀମା ସମ୍ବନ୍ଧରେ ବ୍ୟାପକ ପ୍ରଚାର ପ୍ରସାର କରାଯିବ। ଜିଲାର ୫୦୩ ଗ୍ରାମ ପଞ୍ଚାୟତରେ ଫସଲ ବୀମା ଫଳକ ଲଗାଯିବ। ପ୍ରତ୍ୟେକ ଚାଷୀଙ୍କ ପାଖରେ ବୀମା ସମ୍ବନ୍ଧୀୟ ପ୍ରଚାରପତ୍ର ପହଞ୍ଚିବ। କୃଷି ଏବଂ ସମବାୟ ବିଭାଗର ପ୍ରତ୍ୟେକ କର୍ମଚାରୀ ଫସଲବୀମା ବାବଦରେ ଜ୍ଞାତ ରହିବେ। ଜିଲାରେ ଫସଲବୀମାର ଅଗ୍ରଗତିକୁ ନେଇ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। କର୍ମଚାରୀମାନେ ଅତ୍ୟଧିକ ଦକ୍ଷତାର ସହ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଫସଲବୀମା ଦାୟିତ୍ୱ ନେଇଥିବା ବୀମା କମ୍ପାନୀ ପକ୍ଷରୁ ଚାଷୀଙ୍କୁ ପ୍ରବର୍ତ୍ତାଇବାରେ ସଫଳ ହେବେ, ସେ ସମ୍ପର୍କରେ ଜଣାଇବେ। ବ୍ଲକସ୍ତରରେ ଏବଂ ପଞ୍ଚାୟତସ୍ତରରେ ଚାଷୀଙ୍କୁ ଅବଗତ କରାଇବା ପାଇଁ ହୋଇଥିବା ପ୍ରଚାର କାର୍ଯ୍ୟକ୍ରମର ବିବରଣୀ ଓ ଫଟୋଚିତ୍ର ଜିଲାପାଳ ଯାଞ୍ଚ କରିବେ। ଜିଲାରେ ୧ ଲକ୍ଷ ୪୬ ହଜାର ଋଣ ନେଇଥିବା ଚାଷୀ ଏବଂ ୧୮୫୫ ଋଣ ନେଇନଥିବାଙ୍କ ଫସଲ ବୀମା କରାଯାଇଥିବା ବେଳେ ଅନ୍ୟମାନଙ୍କର କାହିଁକି କରାଯାଇ ନାହିଁ ସେ ସମ୍ପର୍କରେ ଜଣାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ନିୟମିତ ଏହାର ସମୀକ୍ଷା କରାଯିବ। ଏହି ବୈଠକରେ କୃଷି ଉପନିର୍ଦ୍ଦେଶକ ମନୋଜ କୁମାର ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ଜିଲାର ୩ ଲକ୍ଷ ୫୦ ହଜାର ଚାଷୀଙ୍କୁ ବୀମା ଭୁକ୍ତ ନିଷ୍ପତ୍ତି**

## ଜିତୁ ପ୍ରଧାନ ହତ୍ୟା ଘଟଣା

# ପ୍ରଭଞ୍ଜନଙ୍କୁ ଦିନକ ପାଇଁ ରିମାଣ୍ଡରେ ନେବ ପୋଲିସ

ଭଞ୍ଜନଗର,୨୨।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ତାରସିଂ ଥାନା ଭୋଗରା ଗ୍ରାମର ଜିତୁ ପ୍ରଧାନ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଭଞ୍ଜନ ତ୍ରିପାଠୀଙ୍କୁ ପୋଲିସ ୫ଦିନିଆ ରିମାଣ୍ଡରରେ ନେବାପାଇଁ ଭଞ୍ଜନଗର ଏଡ଼ିଜେ କୋର୍ଟରେ ଆବେଦନ କରିଥିଲେ। କିନ୍ତୁ ଏଡ଼ିଜେ ମହଲତ୍ ସା ଦିନକ ପାଇଁ ପ୍ରଭଞ୍ଜନଙ୍କୁ ରିମାଣ୍ଡରରେ ନେବାପାଇଁ ପୋଲିସକୁ ଶନିବାର ଅନୁମତି ଦେଇଛନ୍ତି। ସୋମବାର ସକାଳ ୬ଟାରୁ ତାରସିଂ ପୋଲିସ ପ୍ରଭଞ୍ଜନଙ୍କୁ ଭଞ୍ଜନଗର ଜେଲରୁ ପଚରାଉଚରା ପାଇଁ ନେବ। ଏହାପରେ ଅପରାହ୍ନ ୫ଟାରେ ପୁଣି କୋର୍ଟରେ ଆଣି ହାଜର କରିବ। ଏହାପରେ ଜେଲ ହାଜତରେ ନେଇ ପ୍ରଭଞ୍ଜନଙ୍କୁ ଛାଡ଼ିବ। ଏହି ସମୟରେ ପୋଲିସ ପ୍ରଭଞ୍ଜନଙ୍କୁ ଶାରୀରିକ ନିର୍ଯ୍ୟାତନା ଦେଇପାରିବ ନାହିଁ। ପ୍ରଭଞ୍ଜନ ଚାହିଁଲେ ପୋଲିସ ପଚରାଉଚରା କରିବା ସମୟରେ ପାଖରେ ଓକିଲ ରଖିପାରିବେ ବୋଲି ସରକାରୀ ଓକିଲ ଏମ୍.ତାଜ୍ ଆଦେନୀ ଏଠାରେ ସୁଚନା ଦେଇଛନ୍ତି। ସୂଚନାଯୋଗ୍ୟଯେ ଜିତୁ ଗତମାସ ୨୮ ତାରିଖରେ ତାର ସାଙ୍ଗ ତିନିଛକିଆରେ କୁକୁଡ଼ାଫାର୍ମ କରିଥିବା ପ୍ରଭଞ୍ଜନଙ୍କ ପାଖକୁ ବକେୟା ଟଙ୍କା ମାଗିବାକୁ ଯାଇଥିଲେ। ଏହି ସମୟରେ ପୂର୍ବ ଯୋଜନା ପ୍ରକାରେ ପ୍ରଭଞ୍ଜନ ଓ ତାର ସାଙ୍ଗ ବଂଶିଧର ଗୌଡ଼ ମିଶି ଜିତୁଙ୍କୁ ଜଙ୍ଗଲ ଭିତରକୁ ଡ଼ାକି ନେଇ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ତାର ଶବ ଓ ବାଇକ୍‌କୁ ଜଙ୍ଗଲ ଭିତରେ ଅଲଗା ଅଲଗା ସ୍ଥାନରେ ପୋତି ଦେଇଥିଲେ। ପୋଲିସ ଓ ଲୋକେ ଖୋଜାଖୋଜି କରି ପ୍ରଥମେ ୧୭ ତାରିଖରେ ଜଙ୍ଗଲରେ ପୋତା ଯାଇଥିବା ବାଇକ୍‌ଟିକୁ ଉଦ୍ଧାର କରିଥିଲେ। ଏହାପରେ ଜିତୁର ଶବକୁ ୧୮ ତାରିଖରେ ଉଦ୍ଧାର କରାଯାଇଥିଲା। ପୋଲିସ ଶବ ମିଳିବା ଦିନ ପ୍ରଭଞ୍ଜନ ଓ ବଂଶିଧରଙ୍କୁ ଗିରଫ କରିଥିଲେ। ଜାମିନ ନାମଞ୍ଜୁର ହେବାପରେ ସେମାନଙ୍କୁ ଭଞ୍ଜନଗର ଜେଲ ହାଜତକୁ ପଠାଇ ଦିଆଯାଇଥିଲା। କିନ୍ତୁ ପୋଲିସ ଏହି ଘଟଣାରେ ଆଉ କିଛି ଅଧିକ ତଦନ୍ତ କରିବାକୁ ଚାହୁଁଛି। ତେଣୁ ପ୍ରଭଞ୍ଜନଙ୍କୁ ରିମାଣ୍ଡରରେ ଆଣିବା ପାଇଁ ଚାହିଁଥିଲା।

# ଜିଲାସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା




ସଭାରେ ଉପସ୍ଥିତ ଅତିଥି।

ଛତ୍ରପୁର,୨୨।୯(ଡି.ଏନ.ଏ.)

ଛତ୍ରପୁରସ୍ଥିତ ଗୌରୀଶଙ୍କର କଲ୍ୟାଣ ମଣ୍ଡପରେ ଭଲ୍ୟୁଣ୍ଟାରୀ ହେଲଥ୍ ଆସୋସିଏଶନ ଓ ଶିଶୁ ମଙ୍ଗଳ କମିଟି ପକ୍ଷରୁ ଶନିବାର ଜିଲାସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ସାରା ଭାରତରେ ଦେଖାଦେଇଥିବା ଶିଶୁମାନଙ୍କ ବାଲ୍ୟ ବିବାହ, ଶିଶୁ ସ୍ୱାସ୍ଥ୍ୟ, ଶିଶୁ ଶ୍ରମିକ, ଅଧାରୁ ପାଠ ଛାଡିବା, କନ୍ୟା ସନ୍ତାନକୁ ନଷ୍ଟ କରିବା ଭଳି ବହୁ ସମସ୍ୟାରୁ କିଭଳି ସୁରକ୍ଷା ଦିଆଯାଇପାରିବ ତା' ଉପରେ ଆଲୋଚନା ହୋଇଥିଲା। ପୋସ୍କୋ କେସ୍‌ରେ ପୀଡିତାଙ୍କୁ କ୍ଷତପୂରଣ ପ୍ରଦାନ ସହ ଦୋଷୀଙ୍କୁ ଦଣ୍ଡବିଧାନ ଏବଂ ଅଧାରୁ ପାଠ ଛାଡୁଥିବା ଓ ୧୮ ବର୍ଷରୁ କମ୍ ବୟସରଙ୍କ ବିବାହକୁ ରୋକିବା ସହ କନ୍ୟାମାନଙ୍କ ଶିକ୍ଷା ଦାନ, ଧନ୍ଦାମୂଳକ ତାଲିମ୍ ପ୍ରଦାନ, ସେମାନଙ୍କର ସ୍ୱରୋଜଗାର ଓ ଆତ୍ମନିର୍ଭରଶୀଳ ପାଇଁ ବିଭିନ୍ନ ତାଲିମ ଉପରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ପ୍ରଚାର, ପ୍ରସାର, ସଚେତନତା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବ୍ୟାପକ କରାଗଲେ ଏହି କର୍ମଶାଳା ସାର୍ଥକ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ରାଜ୍ୟ ସଂଯୋଜକ ଦେବାନନ୍ଦ ମହନ୍ତ, ଜିଲା ସଂଯୋଜକ ସୁବ୍ରତ ବିଷୋୟୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ହରିହର ପାଢୀ ଓ ସିଏଚ୍ ଜ୍ୟୋତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଏମଓ ଡା. ସଦାନନ୍ଦ ମିଶ୍ର, ଡିସିପିଓ ସୁବୋଧ ଚନ୍ଦ୍ର ଷଡଙ୍ଗୀ, ଜ୍ୟୋତି ପ୍ରକାଶ ରଥ, ପଞ୍ଚାନନ ପଣ୍ଡା, ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର, ଭାରତୀ ବେହେରା, ଦେବୀଦତ ରଥ, ଟି.କେ.ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଲେରି କଲେଜର ରୌପ୍ୟ ଜୟନ୍ତୀ ଉତ୍ସବ

ଭଞ୍ଜନଗର,୨୨।୯(ଡି.ଏନ.ଏ.)

ଭଞ୍ଜନଗର ବ୍ଲକ ଗାଲେରୀ ଦଣ୍ଡପାଣି ମହାରଥୀ ବିଜ୍ଞାନ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କଲେଜ ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ଗୌଡ଼ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବରୁ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ପାଇଁ ବହୁ ଦୂରକୁ ଯାଉଥିଲେ। ଏଠାରେ କଲେଜ ଖୋଲିବା ପରେ ଛାତ୍ରୀଛାତ୍ରମାନେ ଉପକୃତ ହୋଇଛନ୍ତି। ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଛାତ୍ରୀଛାତ୍ରଙ୍କ ବିକାଶ ହେବ। ତେଣୁ ଏଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ। ଗାଲେରୀ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନାରାୟଣ ପତି, ସୁର୍ଯ୍ୟ ନାରାୟଣ ଶତପଥୀ, ବଟକୃଷ୍ଣ ମହାରଥା,ଚିତରଞ୍ଜନ ଗୌଡ଼ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଧକ୍ଷ ଏସ୍.କେ.ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଦୁର୍ଗା ମାଧବ ଦାସ, ଛାତ୍ରୀ ମମତା ରାଉଳ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଦିବ୍ୟ ଲୋଚନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଋଷିକୁଲ୍ୟାରେ ଭାସିଯାଇ ଯୁବକ ନିଖୋଜ

ହିଞ୍ଜିଳିକାଟୁ,୨୨।୯(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ଥାନା ତଥା ପୁରୁଷୋତ୍ତମପୁର ବ୍ଲକ ଅନ୍ତରୀଗାଁ ଋଷିକୁଲ୍ୟା ନଦୀ ସ୍ରୋତରେ ଭାସିଯାଇ ଶନିବାର ପୂର୍ବାହ୍ନରେ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଅନ୍ତରୀଗାଁର ବାବୁଲା ବେହେରା (୨୬)। ଶନିବାର ପୂର୍ବାହ୍ନରେ ବାବୁଲା ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଭାସି ଯାଇଥିଲେ। ହିଞ୍ଜିଳିକାଟୁ ଓ ପୁରୁଷୋତ୍ତମପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଖୋଜାଖୋଜି କରିଥିଲେ। ମୋଟର ଚାଳିତ ଡ଼ଙ୍ଗାରେ ଋଷିକୁଲ୍ୟା ନଦୀର ରାଳବ,ନନ୍ଦିକ,ପୁଟିଆପଦର ଓ ଯାମୁନୀ ଆଦି ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ କରାଯାଇଛି। କିନ୍ତୁ ସନ୍ଧ୍ୟା ସୁଦ୍ଧା ନିଖୋଜଙ୍କ ପତ୍ତା ମିଳି ନ ଥିବା ହିଞ୍ଜିଳିକାଟୁ ଆଇଆଇସି ପ୍ରଶାନ୍ତ କୁମାର ସାହୁ କହିଛନ୍ତି।



ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ କରାଯାଉଛି।

## ବୁଲୁ ପ୍ରଧାନ ହତ୍ୟା ଘଟଣା, ଜଣେ ଗିରଫ

ହିଞ୍ଜିଳିକାଟୁ,୨୨।୯(ଡି.ଏନ୍.ଏ.)



ଗିରଫ ଅଭିଯୁକ୍ତ ଅକ୍ଷୟ।

ହିଞ୍ଜିଳି ଥାନା ଶେରଗଡ଼ ବ୍ଲକ ବାହ୍ମଣଛାଇ ଗ୍ରାମରେ ଅଗଷ୍ଟ ୪ରେ ସଂଘବଦ୍ଧ ଆକ୍ରମଣ କରି ବୁଲୁ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଶୁକ୍ରବାର ହିଞ୍ଜିଳି ପୋଲିସ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗ୍ରାମରୁ ଗିରଫ କରିଛି। ସେ ହେଲେ ବ୍ରାହ୍ମଣଛାଇ ଗ୍ରାମର ଅକ୍ଷୟ ଜେନା। ପୂର୍ବରୁ ଏହି ମାମଲାରେ ପୋଲିସ ଅନ୍ୟ ୬ଜଣଙ୍କୁ ଗିରଫ କରିଥିଲା। ଗିରଫ ଅକ୍ଷୟଙ୍କୁ ଶନିବାର ଶେରଗଡ଼ ଜେଏମଏଫସି କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ଅଗଷ୍ଟ ୪ରେ ବ୍ରାହ୍ମଣଛାଇ ମୋବାଇଲ ଟାୱାର ନିକଟରେ ବୁଲୁ ପ୍ରଧାନ ଓ ବନମାଳୀ ନାହାକଙ୍କୁ ଅପର ଗୋଷ୍ଠୀର କିଛି ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ହିଞ୍ଜିଳିକାଟୁ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇଥିଲା। ବ୍ରହ୍ମପୁରରେ ବୁଲୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ବନମାଳୀ ଗ୍ରାମର ୨୨ ଜଣ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ନେଇ ହିଞ୍ଜିଳି ଥାନାରେ ଏତାଲା ଦେଇଥିଲେ। ପୋଲିସ ନଂ.୧୮୪/୧୮ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ।

## ସଫେଇ କଲେ ସିଆରପିଏଫ ଯବାନ

କୋଟଗଡ, ୨୨।୯(ଡି.ଏନ.ଏ.)

କୋଟଗଡ ବ୍ଲକରେ ମୁତୟନ ଥିବା ୮ମ ବାଟାଲିଅନର ସିଆରପିଏଫ ଯବାନମାନେ ସ୍ଥାନୀୟ ମେଡିକାଲ ସମେତ ଜଗନ୍ନାଥ ମନ୍ଦିର ଏବଂ ଆଖପାଖ ରାସ୍ତାରେ ସଫେଇ କରିଛନ୍ତି। ସେମାନେ ସମସ୍ତ ଅଳିଆ ଆବର୍ଜନାକୁ ଏକତ୍ରିତ କରି ସହର ବାହାରେ ଥିବା ପରିତ୍ୟକ୍ତ ସ୍ଥାନରେ ଏହାକୁ ପକାଇଥିଲେ। ଏହି ଅବସରରେ ଯବାନମାନେ ଉପସ୍ଥିତ ନାଗରିକ ଏବଂ ଯୁବ ସମାଜକୁ ପରିବେଶ ସଫା ରଖିବା ପାଇଁ ପରାମର୍ଶ ଦେଇଥିଲେ।

## ଛତ୍ରପୁର କଲେଜ ସମସ୍ୟା

# ସମାଧାନ ଦାବି କଲେ ଛାତ୍ର

ଛତ୍ରପୁର,୨୨।୯(ଡି.ଏନ.ଏ.)

ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏନେଇ ବାରମ୍ବାର ଅଧକ୍ଷଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିନି। ଫଳରେ ଶନିବାର ଜିଲପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ତାଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ କଲେଜରେ ହଷ୍ଟେଲ ବ୍ୟବସ୍ଥା, ଖାଲି ପଡିଥିବା ଅଧ୍ୟାପିକା ଅଧ୍ୟାପକ ପଦବୀ ପୂରଣ, ଇତିହାସ ଓ ଓଡିଆ ସ୍ନାତକୋତ୍ତର ସିଟ୍ ସଂଖ୍ୟା ବୃଦ୍ଧି, କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ନୂତନ ସ୍ନାତକୋତର ବିଭାଗ ଖୋଲାଯାଉ, ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଆଇଟି ବିଷୟ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା କରିବା, ବୟଜ୍ କମନ ରୁମ୍ ନିର୍ମାଣ, ନିଜସ୍ୱ ଖେଳପଡିଆ ଯୋଗାଇବା, ଏନ୍‌ଏସ୍‌ଏସ୍ ଓ ରେଡକ୍ରସକୁ କାର୍ଯ୍ୟକ୍ଷମ କରିବା ଆଦି ରହିଛି।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା କାର୍ଯ୍ୟକ୍ରମ

ରାଇକିଆ,୨୨।୯(ଡ଼ି.ଏନ.ଏ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କନ୍ଧମାଳ ଜିଲା ରାଇକିଆ ଜୀବନଜ୍ୟୋତି ମହାବିଦ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବାହୀନୀର କମାଣ୍ଡାଣ୍ଟ ନରେନ୍ଦ୍ର କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମନୋଜ କୁମାର ମାଝୀ ଯୋଗ ଦେଇ ବନ୍ୟା, ବାତ୍ୟା, ଭୂମିକମ୍ପ, ବଜ୍ରପାତ ସମୟରେ ନିଜର ସୁରକ୍ଷା ସମେତ କିପରି ସାଧାରଣ ଲୋକଙ୍କ ଜୀବନ ରକ୍ଷା କରାଯିବ ସେ ନେଇ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ରାଇକିଆ ବିଡ଼ିଓ ଶୁଭଦତ୍ତତ୍ରେୟ ବାହିନୀପତି , ଏବିଡ଼ିଓ ମୋହନ ମଲ୍ଲିକ, କଲେଜ ଅଧକ୍ଷ ପ୍ରଦୀପ ନାୟକ, ଅଧ୍ୟାପକ ଉମାକାନ୍ତ ରଥ, ଶ୍ୟାମ ସୁନ୍ଦର ଡ଼ାଙ୍ଗୁଆ, ଆନ୍ଦ୍ରିଓ ନାୟକ, ଅଧ୍ୟାପିକା ମଞ୍ଜୁଳା ସାହୁ, ଗୀତାଞ୍ଜଳୀ ଗନ୍ତାୟତ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଗୋପାଳପୁର ଏନ୍‌ଏସିକୁ ପଲିଥିନ ମୁକ୍ତ କରାଯିବ : ଜିଲାପାଳ

ଗୋପାଳପୁର,୨୨।୯

ଗୋପାଳପୁର ବିଜ୍ଞାପିତ ଅଞ୍ଚଳକୁ ପଲିଥିନ ମୁକ୍ତ କରିବା ପାଇଁ ସର୍କିଟ ହାଉସରେ ଶନିବାର ସନ୍ଧ୍ୟା ୬ଟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ଯୋଗ ଦେଇ ପ୍ଲାଷ୍ଟିକ ପ୍ଲେଟ, ପଲିଥିନ, ପାଣି ପାଉଚ ବ୍ୟବହାର ନ କରିବାକୁ ସଚେତନ କରିଥିଲେ । ଏଥିସହ ଏନ୍‌ଏସି ଅଞ୍ଚଳରେ ସଚେତନତା ବ୍ୟାନର ଲଗାଇବାକୁ କହିଥିଲେ । କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମ ଗୁଡ଼ିକରେ ପ୍ଲାଷ୍ଟିକ ପ୍ଲେଟ ବ୍ୟବହାର ନ କରି ଖଲିରେ ପ୍ରସ୍ତୁତ ପ୍ଲେଟ ବ୍ୟବହାର କରିବା ଓ ବଜାର ଏବଂ ଭେଣ୍ଡିଂଜୋନ ଗୁଡ଼ିକରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବାକୁ ସେ କହିଥିଲେ । ଏନ୍‌ଏସି ପକ୍ଷରୁ ଘର ଘର ବୁଲି କର୍ମଚାରୀମାନେ ପଲିଥିନ ବ୍ୟବହାରର ଭୟାବହତା ସହ ବହୁଳ ବ୍ୟବହାର ଦ୍ୱାରା ବର୍ଷ ବର୍ଷ ଧରି ପଲିଥିନ ଓ ପ୍ଲାଷ୍ଟିକ ମାଟି କିମ୍ବା ପାଣିରେ ମିଶ୍ରଣ ନ ହୋଇ ପରିବେଶ ପ୍ରଦୂଷଣ ହେଉଥିବା ସୂଚନା ଦେଇଥିଲେ । ଏହାର ସଫଳତା ପାଇଁ ସମସ୍ତଙ୍କ ସହ ସହଯୋଗ କାମନା କରିଥିଲେ । ଆସନ୍ତା ୨୬ରେ ଜିଲା ପ୍ରଶାସନ ପକ୍ଷରୁ ମେ' ଫେୟାର ହୋଟେଲରୁ ଗୋପାଳପୁର ବେଳାଭୂମି ପର୍ଯ୍ୟନ୍ତ ସଚେତନତା ର୍‍ୟାଲି ପରିକ୍ରମା କରିବ । ବିଦ୍ୟାଳୟର ଛାତ୍ରୀଛାତ୍ର, ସ୍ଥାନୀୟ ବୟୋଜ୍ୟେଷ୍ଠ ଓ ଜନସାଧାରଣଙ୍କୁ ସଚେତନ କରାଯିବା ସହ ୨୭ରେ ମଧ ପର୍ଯ୍ୟଟନ ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ନେଇ ସଚେତନତା କ୍ୟାମ୍ପ କରାଯିବ ବୋଲି ଜିଲାପାଳ କହିଥିଲେ । ଅକ୍ଟୋବର ୨ ଅର୍ଥାତ୍ ଗାନ୍ଧୀ ଜୟନ୍ତୀରୁ ପଲିଥିନ ବ୍ୟବହାର ବନ୍ଦ କରାଯିବ ବୋଲି ସୂଚନା ଦେଇଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ରହିଥିବା ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏ ଦିଗରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ଏନ୍‌ଏସି ଅଧକ୍ଷା ଏ. ମହାଲକ୍ଷ୍ମୀ, ଗୋପାଳପୁର ପର୍ଯ୍ୟଟନ ଉନ୍ନୟନର ସଭାପତି ୱାଇ. ଶ୍ରୀନିବାସ, ଜାନକୀରାମ, ଜି. ମୋହନ ରାଓ, ପଞ୍ଚୁ ବେହେରା, ଭାଗିରଥୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା

ଜି.ଉଦୟଗିରି,୨୨।୯ (ଡି.ଏନ.ଏ.)

ଜି.ଉଦୟଗିରିସ୍ଥିତ କଳିଙ୍ଗ ମହାବିଦ୍ୟାଳୟରେ ଶନିବାର ଏନ୍‌ଡିଆରଏଫ୍ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ନିଜକୁ ସୁରକ୍ଷିତ ସହ ଅନ୍ୟମାନଙ୍କୁ ସୁରକ୍ଷା ଦେବା ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କଲେଜ ଓ ସ୍କୁଲ ଛାତ୍ରୀଛାତ୍ରଙ୍କୁ ବାତ୍ୟା, ବନ୍ୟା, ବଜ୍ରପାତ, ଘରପୋଡ଼ି ସମେତ ଅନେକ ପ୍ରାକୃତିକ ବିପର୍ଯ୍ୟୟର ସୁରକ୍ଷା କୌଶଳ ଶିଖା ଯାଇଥିଲା। ଅଧକ୍ଷ ଡ. ସରୋଜ କୁମାର ପରିଡ଼ା, ଏବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ରଣା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଆଇଆଇସି ବାଳକୃଷ୍ଣ କହଁର, ଫାୟାର ଅଫିସର ଭବେନ୍ଦ୍ର ନାଥ ଦେ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଓକିଲ ସଂଘ ପକ୍ଷରୁ ପଞ୍ଚମ ବାର୍ଷିକ ଉତ୍ସବ



**ମୋହନା ୨୨।୯ (ଡି.ଏନ.ଏ.) :** ମୋହନା ଓକିଲ ସଂଘ ପକ୍ଷରୁ ସଭାପତି ରବୀନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ପଞ୍ଚମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ମାନସ କୁମାର ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଓକିଲ ସଂଘ କୋଷାଧ୍ୟକ୍ଷ ତଥା ସରକାରୀ ଓକିଲ ବୈଦ୍ୟନାଥ ସିଂ, ସରକାରୀ ଓକିଲ ଆଦିତ୍ୟ ନାରାୟଣ ତ୍ରିପାଠୀ, ପୂର୍ବତନ ସଭାପତି ରାଜେନ୍ଦ୍ର କୁମାର ନାୟକ, ସୀମାଞ୍ଚଳ କାର୍ଜୀ, ସଂଘ ସମ୍ପାଦକ ବିଳାସ ନାୟକ, ସଂଘ ଉପସଭାପତି ସୁଶାନ୍ତ ମଲ୍ଲିକ, ବରିଷ୍ଠ ଓକିଲ ସୁଦର୍ଶନ ସାହୁ, ସନ୍ତୋଷ କୁମାର ପାଢ଼ୀ, ମଧୁସୂଦନ ପାଢ଼ୀ, ହରି ବିଷୋୟୀ, ଯୋଶେଫ ମାଝୀ, ଯୋନାଥନ ଲିମା ଆଦି ଓକିଲ ବନ୍ଧୁମାନେ ଉପସ୍ଥିତ ଥିଲେ । ଓକିଲ ସଂଘ ସଭାପତି ରବୀନ୍ଦ୍ର କୁମାର ନାୟକ ସଂଗ୍ରାମୀ କେବେ ହାରେନି, ସଂଗ୍ରାମୀ କେବେ ମରେନି ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଉତ୍ସବରେ ଓକିଲ ସଂଘର ବନ୍ଧୁମାନଙ୍କ ସହିତ ସାମ୍ବାଦିକ ବନ୍ଧୁ ଓ କୋର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ଗଞ୍ଜାମ ଜିଲା ଯୁବ ବିଜେଡିର ୮ ନୂଆ କର୍ମକର୍ତ୍ତା

**ବ୍ରହ୍ମପୁର ଅଫିସ,୨୨।୯:** ଗଞ୍ଜାମ ଜିଲା ଯୁବ ବିଜେଡିର ୮ ନୂଆ କର୍ମକର୍ତ୍ତା ନିଯୁକ୍ତ ହୋଇଛନ୍ତି । ନିର୍ମଳ ଚନ୍ଦ୍ର ସାହୁ ଉପଦେଷ୍ଟା ହୋଇଥିବା ବେଳେ ୩ ସାଧାରଣ ସମ୍ପାଦକଙ୍କ ମଧରେ ଏମ୍. ତେଜେଶ୍ୱର ସ୍ୱାମୀ, ଚନ୍ଦ୍ରଶେଖର ଗୌଡ଼ ଓ ଏମ. ସୁଧାକର ସ୍ୱାମୀ ଅଛନ୍ତି । ସେହିପରି ଅକ୍ଷୟ କୁମାର ପାଢ଼ୀଙ୍କୁ ଯୁବ ସଂଗଠନର ଜିଲା ଉପସଭାପତି କରାଯାଇଛି। ସନ୍ତୋଷ କୁମାର ପଣ୍ଡା, ଅସିତ କୁମାର ସାବତ ଓ ରାମକୃଷ୍ଣ ପଣ୍ଡା ଯୁବ ବିଜେଡି ସମ୍ପାଦକ ପଦ ପାଇଛନ୍ତି । ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ଅମରେଶ ପତ୍ରୀଙ୍କ ଅନୁମୋଦନକ୍ରମେ ଜିଲା ଯୁବ ବିଜେଡି ସଭାପତି ଏନ୍. ଧନଞ୍ଜୟ ରାଓ ଶନିବାର ଏହି ସୂଚନା ଦେଇଛନ୍ତି । ଜାରି ପ୍ରେସ ବିଜ୍ଞପ୍ତିରେ ରାଓ ଦର୍ଶାଇଛନ୍ତି ବୃହତ୍ତମ ଜିଲା ଗଞ୍ଜାମରେ ବିଜେଡିର ଯୁବ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏହା କରାଯାଇଛି । ଗଞ୍ଜାମର ସମସ୍ତ ପଞ୍ଚାୟତ ଓ ସହରାଞ୍ଚଳଗୁଡିକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନାର ଫଳପ୍ରଦ ରୂପାୟନ ପାଇଁ ଯୁବ ବିଜେଡି ପ୍ରୟାସ ଚଳାଇଛି ଏବଂ ସଭ୍ୟ ସଂଖ୍ୟା ବୃଦ୍ଧି ଲାଗି ପଦକ୍ଷେପ ନିଆଯାଇଛି ।

## ଏମ୍‌କେସିଜିରେ ସୁରକ୍ଷା ବ୍ୟବସ୍ଥା ଢ଼ିଲା

# ୨ ଦିନର ଶିଶୁକନ୍ୟା ଚୋରି

**ବ୍ରହ୍ମପୁର ଅଫିସ,୨୨।୯**

ପୁଣି ଥରେ ଚର୍ଚ୍ଚାକୁ ଆସିଛି ବ୍ରହ୍ମପୁର ବଡ ମେଡିକାଲ। ସୁରକ୍ଷା ବ୍ୟବସ୍ଥା ଭୁଶୁଡିଥିବା ସହ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ନେଇ ଅଭିଯୋଗ ହୋଇଛି । ଶନିବାର ମଧ୍ୟାହ୍ନରେ ୨ଦିନର ଶିଶୁକନ୍ୟାକୁ ଅଜଣା ମହିଳା ଚୋରି କରି ନେବା ଅଭିଯୋଗ ଆସିବା ପରେ ମେଡିକାଲର ସୁରକ୍ଷା ବ୍ୟବସ୍ଥା ନେଇ ସମାଲୋଚନା ହେଉଛି । ଅଭିଯୋଗ ଆସିବା ପରେ ବୈଦ୍ୟନାଥପୁର ପୋଲିସ ତଦନ୍ତ ଆରମ୍ଭ କରିଛି। ଚୋରି କରି ନେଇଥିବା ମହିଳାଙ୍କ ସମ୍ପର୍କରେ ଏଯାବତ୍ କୌଣସି ସନ୍ଧାନ ମିଳି ନ ଥିବା ବେଳେ ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଏତଲା ଦିଆଯାଇଥିବା ଜଣାପଡିଛି।



ନିଖୋଜ ଶିଶୁକନ୍ୟାଙ୍କ ପରିବାରବର୍ଗଙ୍କୁ ଏଣ୍ଟିମେଣ୍ଟାଲ ରୁମ୍‌ରେ ବୈଦ୍ୟନାଥପୁର ଆଇଆଇସି ଏବଂ ବଡବଜାର ଆଇଆଇସି ଘଟଣା ସମ୍ପର୍କରେ ପଚାରି ବୁଝୁଛନ୍ତି ।

ପ୍ରକାଶଯେ, ପୁରୁଷୋତ୍ତମପୁର ଥାନା କବିସୂର୍ଯ୍ୟନଗର ବ୍ଲକ ଅଧୀନ ରାମ୍‌ସା ନାରାୟଣପୁର ଗ୍ରାମର ଭିକାରୀ ନାୟକଙ୍କ ସ୍ତ୍ରୀ ଜ୍ୟୋତି ଶୁକ୍ରବାର ରାତି ପ୍ରାୟ ୯ଟାରେ ଘରେ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ । ପ୍ରସବ ହେବା ପରେ ପରିବାର ଲୋକେ ଆଶା କର୍ମୀଙ୍କ ସହାୟତାରେ ତାଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅଧିକ ଚିକିତ୍ସା ଲାଗି ବିଳମ୍ବିତ ରାତିରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସ୍ଥାନାନ୍ତର ହେବା ପରେ ମେଡିକାଲର ଏଣ୍ଟିମେଣ୍ଟାଲ୍ ରୁମ୍ (ପ୍ରସବ ପୂର୍ବ କକ୍ଷ)ରେ ଭର୍ତ୍ତି କରାଯାଇ ଏଲ-୧୯ ବେଡ୍‌ରେ ଚିକିତ୍ସା ଆରମ୍ଭ କରାଯାଇଥିଲା । ସେତେବେଳେ ଏକ ଅଜଣା ମହିଳା ଆସି ଜ୍ୟୋତିଙ୍କ ପରିବାର ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ଶନିବାର ପୂର୍ବାହ୍ନରେ ଜ୍ୟୋତିଙ୍କୁ ରକ୍ତ ପରୀକ୍ଷା ପାଇଁ ନିଆଯାଇଥିଲା। ଏହି ସମୟରେ ଶିଶୁଙ୍କୁ ଜ୍ୟୋତିଙ୍କ ମାଆ ଗୁରୁବାରୀ ନାୟକ ରଖିଥିଲେ। ସେତେବେଳେ ଅଜଣା ମହିଳା ଜଣକ ଗୁରୁବାରୀ ଏକା ଥିବା ସୁଯୋଗ ନେଇ ଶିଶୁ କନ୍ୟାକୁ ଟିକା ଦେବା ପାଇଁ ପ୍ରବର୍ତ୍ତାଇଥିଲେ। ଗୁରୁବାରୀ ତାଙ୍କ ସହିତ ଆଉଟଡୋରକୁ ଯାଇଥିଲେ । ସେତେବେଳେ ଡାକ୍ତର ଅନୁପସ୍ଥିତ ଥିବାରୁ ଉଭୟ ଫେରି ଆସିଥିଲେ। ପରେ ମହିଳା ଜଣକ ଗୁରୁବାରୀଙ୍କ ନିକଟକୁ ଯାଇ ଟିକା ଦେବା ପାଇଁ ଡାକ୍ତର ଡକାଇଥିବା କହି ତାଙ୍କୁ ଆଉଥରେ ଆଉଟଡୋରକୁ ନେଇଯାଇଥିଲେ । ସମ୍ପୃକ୍ତ ମହିଳା ଜଣକ ଟିକା ଦେବା ପାଇଁ ଗୁରୁବାରୀଙ୍କୁ ଧାଡିରେ ରହି ଟିକାକରଣ ପାଇଁ ଟିକଟ କାଟିବାକୁ କହି ଶିଶୁଟିକୁ ଧରିଥିଲେ । ଏହି ସମୟରେ ସୁଯୋଗ ଉଣ୍ଡି ଶିଶୁ କନ୍ୟାଟିକୁ ନେଇ କେଉଁଆଡେ ଫେରାର ହୋଇଯାଇଥିଲେ। ଗୁରୁବାରୀ ଟିକଟ କାଟି ଫେରିବା ବେଳକୁ ଅଜଣା ମହିଳା ଓ ତାଙ୍କ ଶିଶୁ କନ୍ୟାକୁ ପାଇ ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ମେଡିକାଲ ଫାଣ୍ଡିକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ବଡବଜାର ଆଇଆଇସି ସୁରେଶ କୁମାର ତ୍ରିପାଠୀ, ବୈଦ୍ୟନାଥପୁର ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମେଡିକାଲ ଆଉଟଡୋର୍ ବାହାରେ ଏବଂ ଏମ୍‌କେସିଜି ନିକଟରେ ଥିବା ଔଷଧ ଦୋକାନ ଗୁଡିକରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ତେବେ କୌଣସି ସୁଫଳ ନ ମିଳିବା ପରେ ଶିଶୁ କନ୍ୟାଙ୍କ ବାପା ଭିକାରୀ ନାୟକଙ୍କ ଏତଲାକୁ ଭିତ୍ତିକରି ନଂ. ୧୯୯/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ସବିତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ଅପରାହ୍ନରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ ଏବଂ ବ୍ରହ୍ମପୁର ଲୋକ ସଭା ମଣ୍ଡଳ ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପାତ୍ର, ବ୍ରହ୍ମପୁର ନଗର କଂଗ୍ରେସ ସଭାପତି ପ୍ରମୋଦ ଜେନା, ପୁରୁଷୋତ୍ତମପୁରର କଂଗ୍ରେସ ନେତା ସୀତାରାମ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଏମକେସିଜି ମେଡିକାଲରେ ପ୍ରସୂତି ମହିଳାଙ୍କ ନିକଟରେ ପହଞ୍ଚିଥିଲେ । ନିଖୋଜ ଶିଶୁ କନ୍ୟାଙ୍କ ପରିବାରବର୍ଗଙ୍କ ସହିତ ମିଶି ଶିଶୁ କନ୍ୟା ଚୋରି ସଂକ୍ରାନ୍ତରେ ପଚାରି ବୁଝିଥିଲେ । ସୁରକ୍ଷା ବ୍ୟବସ୍ଥା ଭୁଶୁଡିଯାଇଥିବା ଅଭିଯୋଗ କରି ଶିଶୁ କନ୍ୟା ଚୋରି ଘଟଣାରେ ସମ୍ପୃକ୍ତ ପରିବାରବର୍ଗଙ୍କୁ ନ୍ୟାୟ ଦେବା ଦାବିରେ ଏକ ଏତଲା ଦେଇଛନ୍ତି । ଘଟଣା ସମ୍ପର୍କରେ ବୈଦ୍ୟନାଥପୁର ଆଇଆଇସି ଜେ.କେ. ପଟ୍ଟନାୟକଙ୍କୁ ପଚରାଯିବାରୁ, ତଦନ୍ତ ଚାଲିଛି ଖୁବ୍ ଶୀଘ୍ର ଗଣମାଧ୍ୟମକୁ ଅବଗତ କରାଯିବ । ଏମ୍‌କେସିଜି ଅଧୀକ୍ଷକ ଡାକ୍ତର ଚାରଣ ପଣ୍ଡାଙ୍କୁ ପଚରାଯିବାରୁ, ଘଟଣା ସଂକ୍ରାନ୍ତରେ ଅବଗତ ହେବା ପରେ ପୋଲିସକୁ ଖବର ଦେଇଥିଲେ । ପୋଲିସ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ସେ ଅନୁରୋଧ କରିଥିବା କହିଛନ୍ତି ।

## ନର୍ସିଂ ହୋମ୍‌ରୁ ଚୋରି



**ବ୍ରହ୍ମପୁର ଅଫିସ,୨୨।୯**

ବ୍ରହ୍ମପୁର ଗାନ୍ଧୀନଗର ଛକରେ ଥିବା ଏକ ନର୍ସିଂ ହୋମରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ରଙ୍ଗନାଥନ୍ ଅର୍ଥୋ ନର୍ସିଂ ହୋମ୍ କବାଟ ଭାଙ୍ଗି ପଶିଥିଲେ। ପରେ ସୁରକ୍ଷା ପାଇଁ ଲାଗିଥିବା ସିସିଟିଭି ସବୁକୁ ଭାଙ୍ଗି ଦେଇ ଜରୁରୀ କାଗଜପତ୍ର ଏବଂ ୭ ହଜାର ଟଙ୍କା ଚୋରି କରିନେଇ ଯାଇଥିଲେ ବୋଲି ନର୍ସିଂ ହୋମ୍ ମାଲିକ ତଥା ଡାକ୍ତର ଏ.ଆର୍.ରଙ୍ଗନାଥନ୍ ଶନିବାର ଟାଉନ ଥାନାରେ ଏତଲା ଦେଇଛନ୍ତି । ଏତଲାକୁ ଭିତ୍ତିକରି ପୋଲିସ ନଂ. ୧୯୯/୧୮ରେ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଆଇଆଇସି ନୀହାର ରଞ୍ଜନ ପ୍ରଧାନ କହିଛନ୍ତି। ଆଇଟି ସେକ୍ଟର ପାଇଁ ସହରର ପ୍ରମୁଖ ସ୍ଥାନ ଗାନ୍ଧୀନଗର କୁହାଯାଉଥିବା ବେଳେ ଏଠାରେ ଅହରହ ପୋଲିସ ପାଟ୍ରୋଲିଂ ଚାଲିଥାଏ। ଜନବସତି ଅଞ୍ଚଳ ମଧ୍ୟରେ ସର୍ବଦା ଗହଳ ଚହଳ ଲାଗି ରହିଥାଏ। ତେବେ ଏଭଳି ସ୍ଥିତିରେ ବିଳମ୍ବିତ ରାତିରେ ନର୍ସିଂ ହୋମ୍ ଭାଙ୍ଗି ସେଠାରୁ ଟଙ୍କା ଏବଂ କାଗଜପତ୍ର ଚୋରି କରିବା ପୋଲିସ ପାଇଁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ୍ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଏବଂ ବିଭିନ୍ନ ଥାନାରେ ଲୁଟ ମାମଲାକୁ ଆଧାର କରି ପୋଲିସ ଅପରାଧୀଙ୍କ ଗତିବିଧିକୁ ନିରୀକ୍ଷଣ କରି ତଦନ୍ତ ଚଳାଉଥିବା ବେଳେ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ପ୍ରଧାନ କହିଛନ୍ତି ।



ଶନିବାର ଟାଉନହଲ ପରିସରରେ ଆୟୋଜିତ ଶରତ ନାଟ୍ୟୋତ୍ସବ ଉଦ୍‌ଯାପନୀ ଦିବସରେ ମଞ୍ଚସ୍ଥ ନାଟକ ପ୍ରତିଘାତର ଏକ ଦୃଶ୍ୟ ।

# ନିୟମିତ ହେଲେ ୧୨୭ ଚୁକ୍ତିଭିତ୍ତିକ ଶିକ୍ଷକ

**ବ୍ରହ୍ମପୁର ଅଫିସ,୨୨।୯**

ଗଞ୍ଜାମ ଜିଲାରେ ୨୦୧୧ରୁ ଚୁକ୍ତିଭିତ୍ତିକ କାର୍ଯ୍ୟ କରୁଥିବା ୧୨୭ ଶିକ୍ଷକଙ୍କୁ ନିୟମିତ ଘୋଷଣା କରାଯାଇଛି । ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ଏହି ଘୋଷଣା କରିଛନ୍ତି । ଏଥିରେ ୫୭ଜଣ କଳା ଶିକ୍ଷକ ରହିଥିବା ବେଳେ ୧୮ଜଣ ଗଣିତ, ୧୧ଜଣ ବିଜ୍ଞାନ, ୬ଜଣ ହିନ୍ଦୀ ଏବଂ ୩୫ଜଣ କ୍ରୀଡ଼ା ଶିକ୍ଷକ ରହିଛନ୍ତି । ଏମାନେ ଜିଲାର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ। ଜିଲା ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସମ୍ପାଦକ ଜିତେନ୍ଦ୍ର ମହାରଣା, କାର୍ଯ୍ୟକାରୀ ସଦସ୍ୟ ଜନକ ଜେନା, ସନ୍ତୋଷ ପଟ୍ଟନାୟକ, ଶିଶିର ପ୍ରଧାନ, ରଞ୍ଜନ ପାତ୍ର ପ୍ରମୁଖ ଜିଲା ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ବିଏମ୍‌ସି ୫ ନଂ. ୱାର୍ଡ: ୩୧ ହିତାଧିକାରୀଙ୍କୁ ରାଜୀବ ଆବାସ ଗୃହ ପ୍ରଦାନ

**ବ୍ରହ୍ମପୁର ଅଫିସ,୨୨।୯**

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଶନିବାର ୫ ନଂ ୱାର୍ଡ ଅନ୍ତର୍ଗତ ନୀଳାଦ୍ରିବିହାରଠାରେ ନିର୍ମିତ ରାଜୀବ ଆବାସ ଗୃହ ହସ୍ତାନ୍ତର କରାଯାଇଛି । ନୀଳାଦ୍ରିବିହାର, ସୋମନାଥ ନଗର, ତ୍ରିନାଥ ନଗର ୩୧ ହିତାଧିକାରୀଙ୍କୁ ନିଳାଦ୍ରୀବିହାର ମୁଖ୍ୟରାସ୍ତା ପାର୍ଶ୍ୱରେ ନିର୍ମିତ ନୂତନ ରାଜୀବ ଆବାସ ଗୃହ ହସ୍ତାନ୍ତର କରାଯାଇଛି । ସ୍ଥାନୀୟ କର୍ପୋରେଟର ଆର. ମୁରଲୀମୋହନ ଉପସ୍ଥିତ ରହି ହିତାଧିକାରୀଙ୍କୁ ଗୃହ ଚାବି ହସ୍ତାନ୍ତର କରିଛନ୍ତି । ସୂଚନାଯୋଗ୍ୟ, ପୂର୍ବରୁ ଏହି ୱାର୍ଡର ରାଜୀବ ଆବାସ ଯୋଜନାରେ ସାମିଲ ହୋଇଥିବା ୧୬୮ ହିତାଧିକାରୀଙ୍କୁ ବିଏମ୍‌ସି ପକ୍ଷରୁ ଆଲର୍ଟମେଣ୍ଟ ଅଡର ଦିଆଯାଇଥିଲା । ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩୧ ହିତାଧିକାରୀଙ୍କୁ ଗୃହ ହସ୍ତାନ୍ତର କରାଯାଇଛି । ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ଗୃହ ହସ୍ତାନ୍ତର କରାଯିବା ନେଇ ସ୍ଥାନୀୟ କର୍ପୋରେଟର ସୂଚନା ଦେଇଛନ୍ତି । ଗୃହ ଚାବି ହସ୍ତାନ୍ତର କାର୍ଯ୍ୟକ୍ରମରେ ଛୋଟୁଖାନ, ଏମଡି ସତାର, ୟାସିନ ସରିଫ ପ୍ରମୁଖ ସହଯୋଗ କରିଥିଲେ ।



ରାଜୀବ ଆବାସ ହିତାଧିକାରୀଙ୍କୁ ଗୃହ ଚାବି ପ୍ରଦାନ କରାଯାଉଛି ।

## ଉତ୍କଳ ମହିଳା ସମିତି ଗଞ୍ଜାମ ଶାଖାର ଦାବି

# ମହିଳାଙ୍କ ସ୍ଥାନ ସଂରକ୍ଷଣ ବିଲ ଗୃହୀତ ହେଉ

**ବ୍ରହ୍ମପୁର ଅଫିସ,୨୨।୯**

ଉତ୍କଳ ମହିଳା ସମିତି ଗଞ୍ଜାମ ଜିଲା ଶାଖା ବୈଠକ ଶନିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି । ଲୋକ ସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ବିଲ ତୁରନ୍ତ ସଂସଦରେ ଗୃହୀତ ପାଇଁ ଦାବି ହୋଇଛି। ଜିଲା ସିପିଆଇ ଅଫିସରେ ହୋଇଥିବା ବୈଠକରେ ଆର. ବିଜୟଲକ୍ଷ୍ମୀ ଅଧକ୍ଷତା କରିଥିଲେ। ସମିତି ରାଜ୍ୟ ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ ଏଥିରେ ଯୋଗ ଦେଇଥିଲେ। ସେ କହିଥିଲେ, ଉପରୋକ୍ତ ଦାବି ସମେତ ଦେଶରେ ମହିଳାଙ୍କୁ ସାମାଜିକ ସୁରକ୍ଷା ଯୋଗାଇବା ଏବଂ ବୃଦ୍ଧି ପାଉଥିବା ନାରୀ ନିର୍ଯ୍ୟାତନା ପ୍ରତିବାଦରେ ଶନିବାରରୁ ତାମିଲନାଡୁରୁ ବାହାରିଛି (ଗଣ ସଚେତନତା ଅଭିଯାନ) ଯାଥା। ଏହି ଯାଥା ଆସନ୍ତା ଅକ୍ଟୋବର ୪ରେ ବ୍ରହ୍ମପୁରରେ ପହଞ୍ଚିବ ଓ ଏହାକୁ ବିପୁଳ ସମ୍ବର୍ଦ୍ଧନା ଦିଆଯିବ । ତେଣୁ ପ୍ରସ୍ତୁତି ପର୍ବକୁ ଜୋରଦାର କରାଯିବା ସହ ଜିଲାର ବିଭିନ୍ନ ଅଞ୍ଚଳ ପାଇଁ କର୍ମକର୍ତ୍ତା ଚୟନ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଆଲୋଚନାରେ ପାଚିକା ସଂଘ ରାଜ୍ୟ ସମ୍ପାଦିକା ପି. ରେଣୁକା ଦୋରା ଓ ଅନ୍ୟମାନେ ଭାଗ ନେଇଥିଲେ । ଜିଲା ସିପିଆଇ ସମ୍ପାଦକ ପ୍ରକାଶ ପାତ୍ର, ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସମ୍ପାଦକ ପ୍ରଦୀପ ସେଠୀ, ଏଆଇଏସଏଫ ଜିଲା ସଭାପତି କାମଦେବ ନାହକ, ଏଆଇଟିୟୁସି ନେତା ଦଣ୍ଡପାଣି ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।




ବୈଠକରେ ରାଜ୍ୟ ସଭାନେତ୍ରୀ, ଜିଲା ସିପିଆଇ ସମ୍ପାଦକ ଓ ଅନ୍ୟମାନେ।

## ୨୬ରେ ଜାତୀୟ କୃମିନାଶକ ଦିବସ

# ୯ଲକ୍ଷ ଖାଇବେ କୃମି ଔଷଧ

**ବ୍ରହ୍ମପୁର ଅଫିସ,୨୨।୯**

ଆସନ୍ତା ୨୬ତାରିଖ ହେଉଛି ଜାତୀୟ କୃମିନାଶକ ଦିବସ। ଏହି ଅବସରରେ ଗଞ୍ଜାମ ଜିଲାରୁ କୃମି ବିନାଶ କରିବା ପାଇଁ ଔଷଧ ବଣ୍ଟନ କରାଯିବ । ଏକରୁ ୧୯ବର୍ଷ ବୟସ ଭିତରେ ପ୍ରାୟ ୯ଲକ୍ଷ ଶିଶୁ ଏବଂ ଯୁବକଙ୍କୁ ଔଷଧ ପ୍ରଦାନ କରାଯିବ । ଶନିବାର ଅପରାହ୍ନରେ ସ୍ଥାନୀୟ ଆଇଇସି ହଲ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି।

ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର କହିଥିଲେ, ସମ୍ପ୍ରତି ଜନ୍ମରୁ ୫ବର୍ଷ ବୟସର ଶିଶୁଙ୍କୁ କୃଷିନାଶକ ସିରପ୍ ପ୍ରଦାନ କରାଯାଉଛି। ଏଣୁ ୬ରୁ ୧୯ବର୍ଷର ଶିଶୁ ଏବଂ ଯୁବତୀ, ଯୁବକଙ୍କୁ ଔଷଧ ପ୍ରଦାନକୁ ଗୁରୁତ୍ୱ ଦିଆଯିବ । ଜିଲାରେ ୧ରୁ ୨ବର୍ଷ ଭିତରେ ୫୬ହଜାର ୧୦୫ ଏବଂ ୩ରୁ ୫ବର୍ଷ ଭିତରେ ୨ଲକ୍ଷ ୪୩ହଜାର ୧୨୦ଜଣ ଶିଶୁ ରହିଛନ୍ତି । ଏମାନଙ୍କୁ ସିରପ ଦିଆଯିବ । ୬ରୁ ୧୯ବର୍ଷ ବୟସକୁ ବିଦ୍ୟାଳୟ ଏବଂ ଗୋଷ୍ଠୀ କେନ୍ଦ୍ରରେ ଔଷଧ ପ୍ରଦାନ କରାଯିବ । ଜିଲାର ୪୫୩୯ ବିଦ୍ୟାଳୟରେ ଔଷଧ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏନେଇ ଗଣଶିକ୍ଷା ବିଭାଗ ସହ ଆଲୋଚନା ହୋଇସାରିଛି । ପୂର୍ବରୁ ଏଭଳି କାର୍ଯ୍ୟକ୍ରମଗୁଡ଼ିକରେ ଘରୋଇ ବିଦ୍ୟାଳୟଗୁଡ଼ିକ ଅସହଯୋଗ କରୁଥିଲେ । ଏଣୁ ୨୪ତାରିଖରେ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଏକ ବୈଠକ ସ୍ଥାନୀୟ ଟାଉନ୍ ହଲ୍‌ରେ ଅନୁଷ୍ଠିତ ହେବ । ଅନ୍ୟପଟେ ଏହି କାର୍ଯ୍ୟକ୍ରମ ପାଇଁ ମୋଟ ୨୮୯୦ଜଣ ଆଶା, ୫୨୪ଜଣ ସ୍ୱାସ୍ଥ୍ୟ କର୍ମୀ ଏବଂ ୫୪୧ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ନିୟୋଜିତ କରାଯିବ । ବ୍ଲକସ୍ତରରେ ଦୁଇଟି ଫ୍ଲାଇଙ୍ଗ୍ ସ୍କ୍ୱାଡ ଗଠନ କରାଯାଇଛି। ଏହି ସ୍କ୍ୱାଡରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ ଏବଂ ଜଣେ ସ୍ୱାସ୍ଥ୍ୟ କର୍ମୀ ରହିବେ । ଏମାନେ ଉକ୍ତ ଦିନ ବ୍ଲକ ସାରା ବଣ୍ଟନ କେନ୍ଦ୍ରଗୁଡ଼ିକ ବୁଲିବେ। ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରେ ପରେ ଔଷଧ ଏବଂ ସିରପ୍ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି । କୃଷି ସଂକ୍ରମଣ ଦ୍ୱାରା ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ରକ୍ତହୀନତା, କୁପୋଷଣ, ଭୋକ ନ ଲାଗିବା, ବିଚଳିତ, ପେଟ କାଟିବା, ବାନ୍ତି ହେବା ଏବଂ ଓଜନ କମିବା ଲକ୍ଷଣ ଦେଖାଦେଇଥାଏ । ଏଣୁ କୃମି ନାଶକ ଔଷଧ ନିହାତି ଦେବା ଆବଶ୍ୟକ । ଏହା ଦ୍ୱାରା ରକ୍ତହୀନତାରେ ଉନ୍ନତି ଏବଂ ଉପଯୁକ୍ତ ପୋଷଣ ମିଳିଥାଏ ବୋଲି ସେ ପ୍ରକାଶ କରିଥିଲେ । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ଡା. ଭି. ସରୋଜିନି ଦେବୀ, ଏଡିପିଏଚ୍‌ଓ(ବାୟୁ ବାହିତ ରୋଗ) ଡା. ଜଗଦୀଶ ପଟ୍ଟନାୟକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହିମାଂଶୁବାଳା ପଟ୍ଟନାୟକ, ଏଡିପିଏଚ୍‌ଓ(କୁଷ୍ଠ) ଡା. ଗୀତାଞ୍ଜଳି ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପ୍ରବନ୍ଧକ ଶକ୍ତି କୁମାର ଦିଗାଲ୍ ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ(ବାମରୁ) ଡା. ହିମାଂଶୁବାଳା ପଟ୍ଟନାୟକ, ଡା. ଜଗଦୀଶ ପଟ୍ଟନାୟକ, ଶ୍ୟାମ ସୁନ୍ଦର ତ୍ରିପାଠୀ, ଡା. ସଦାନନ୍ଦ ମିଶ୍ର, ଡା. ଗୀତାଞ୍ଜଳି ଦାସ ଏବଂ ଡା. ଭି.ସରୋଜିନୀ ଦେବୀ ।

## ୨୭ରୁ କୁଷ୍ଠ ଚିହ୍ନଟ ଅଭିଯାନ

ସେପ୍ଟେମ୍ବର ୨୭ତାରିଖରୁ ଅକ୍ଟୋବର ୬ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲାରେ କୁଷ୍ଠ ଚିହ୍ନଟ ଅଭିଯାନ(ଏଲ୍‌ସିଡିସି) ଅନୁଷ୍ଠିତ ହେବ । ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ଆକ୍ରାନ୍ତଙ୍କୁ ଚିହ୍ନଟ କରିବେ। ଏଥିପାଇଁ ଜିଲାରେ ୩୨୦୦ ଟିମ୍ ଗଠନ କରାଯାଇଛି । ପ୍ରତ୍ୟେକ ଟିମ୍‌ରେ ଜଣେ ପୁରୁଷ ଏବଂ ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ରହିଛନ୍ତି। ଏମାନଙ୍କୁ ତଦାରଖ କରିବା ପାଇଁ ୫୪୮ ସୁପରଭାଇଜର୍ ରହିବେ। ଯେଉଁ ବ୍ଲକରେ ଏହି ଚିହ୍ନଟ ଅଭିଯାନ ଅନୁଷ୍ଠିତ ହେବ, ତାହାର ୨ ଦିନ ପୂର୍ବରୁ ଏକ ସଚେତନତା ରଥ ସେହି ବ୍ଲକରେ ବୁଲିବ। ଗତ ପାଞ୍ଚ ବର୍ଷ ଭିତରେ ଗଞ୍ଜାମ ଜିଲାରେ ୧୦୫୨ ଗ୍ରାମରେ କୁଷ୍ଠ ରୋଗୀ ଥିବା ଜଣାପଡ଼ିଛି । କେବଳ ୨୩୧୮ ଗ୍ରାମରେ କେହି କୁଷ୍ଠ ରୋଗୀ ନାହାନ୍ତି । କୁଷ୍ଠ ଏକ ରୋଗ ଅପେକ୍ଷା ସାମାଜିକ ବ୍ୟାଧି । କାରଣ ଲୋକମାନେ କୁଷ୍ଠ ରୋଗୀଙ୍କୁ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ଏନେଇ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡା. ଗୀତାଞ୍ଜଳି ଦାସ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଏସ୍ଏଚଜିଙ୍କ ପ୍ରଶିକ୍ଷଣ କର୍ମଶାଳା

ବ୍ରହ୍ମପୁର ଅଫିସ,୨୨।୯: କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆସ୍ଥିତ ଗୋପାଳ ସମାଜର କମ୍ୟୁନିଟି ହଲ ପରିସରରେ ନାବାର୍ଡ ଓ ଆଦର୍ଶ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ଙ୍କ ପ୍ରଶିକ୍ଷଣ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ନାବାର୍ଡର ଓଡିଶା ମୁଖ୍ୟ ମହାପ୍ରବନ୍ଧକ ଡା. କେ.ସି ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ୧୯୯୨ରେ ପ୍ରଥମ କରି ନାବାର୍ଡ ପକ୍ଷରୁ ଭାରତରେ ଆରମ୍ଭ ହୋଇଥିବା ଏସଏଚଜି ଗ୍ରୁପ ଜରିଆରେ ମହିଳାମାନଙ୍କ ମଧ୍ୟରେ ଆସିଥିବା ବୈପ୍ଳବିକ ପରିବର୍ତ୍ତନ ଉପରେ ମୁଖ୍ୟଅତିଥି ଆଲୋକପାତ କରିଥିଲେ। ଏସଏଚଜି ମାଧ୍ୟମରେ ନିଜର ଦକ୍ଷତା ଓ ଶକ୍ତି ପ୍ରଦର୍ଶନ କରି ବିଭିନ୍ନ କ୍ଷେତ୍ରରେ ସୃଷ୍ଟି ହୋଇଥିବା ସୁଯୋଗ ଉପରେ ସେ ବୁଝାଇବା ସହ ଏହି ଗ୍ରୁପ ମାଧ୍ୟମରେ ପ୍ରଦାନ କରାଯାଉଥିବା ସୁବିଧାର ସଦୁପଯୋଗ କରି ପାରମ୍ପରିକତାରୁ ବାହାରି ଅଧିକ ସ୍ମାର୍ଟ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଓଡିଶା ମୁଖ୍ୟ ମହାପ୍ରବନ୍ଧକ ପାଣିଗ୍ରାହୀଙ୍କୁ ଏସଏଚଜିମାନଙ୍କ ଦ୍ୱାରା ଉପଢୌକନ ଓ ସ୍ମାରକପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ନାବାର୍ଡର ଜିଲା ବିକାଶ ପ୍ରବନ୍ଧକ ଦେବବ୍ରତ ତ୍ରିପାଠୀ କର୍ମଶାଳାରେ ଅଧକ୍ଷତା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ବିଭିନ୍ନ ଶାଖାର ବହୁ ଅଧିକାରୀ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ଏସଏଚଜିକୁ ଲୋନ ପ୍ରଦାନ କରାଯାଇଥିଲା। ଆଦର୍ଶ ଅନୁଷ୍ଠାନର ଅଧକ୍ଷ ସଞ୍ଜୀବ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ପଦ୍ମା ସେଠୀ, ଭବାନୀ ଶଙ୍କର ପଟ୍ଟନାୟକ, ହରିହର ନାୟକ, ପ୍ରସନ୍ନ ଛୋଟରାୟ, ସୁରଜିତା ମହାନ୍ତି, ପ୍ରମିଳା ଗୌଡ, ବିସ୍ମୟ ଅନୁଷ୍ଠାନର ବିମଳ ଲୋଚନ ପଟ୍ଟନାୟକ, ସୋର୍ଡ ଅନୁଷ୍ଠାନର ପ୍ରଦ୍ୟୁମ୍ନ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ।

### ମାନସିକ ଦିବ୍ୟାଙ୍ଗ ତାଲିମ କେନ୍ଦ୍ରକୁ ଇନ୍‌ଭର୍ଟର୍ ଦାନ

ବ୍ରହ୍ମପୁର ଅଫିସ୍,୨୨।୯: ବ୍ରହ୍ମପୁର ଇନ୍‌ରହ୍ୱିଲ୍ କ୍ଲବ ପକ୍ଷରୁ ଦିଗନ୍ତ ବୟସ୍କ ମାନସିକ ଦିବ୍ୟାଙ୍ଗ ତାଲିମ୍ କେନ୍ଦ୍ରକୁ ଶନିବାର ଏକ ଇନ୍‌ଭର୍ଟର୍ ଦାନ କରାଯାଇଛି। କେନ୍ଦ୍ରର ଆବଶ୍ୟକତାକୁ ଦେଖି କ୍ଲବ ପକ୍ଷରୁ ଏହାକୁ ପ୍ରଦାନ କରାଯାଇଛି। କେନ୍ଦ୍ରର ସମ୍ପାଦିକା ସଂଯୁକ୍ତା ପଣ୍ଡା, ଉପସଭାପତି ଗୋଦାବରୀ ପାତ୍ର ଏବଂ କୋଷାଧକ୍ଷା ଉଷାରାଣୀ ପାଢୀଙ୍କୁ ପ୍ରଦାନ କରାଯାଇଥିଲା। କ୍ଲବ ସଭାନେତ୍ରୀ ଜେ.ସରିତା, ସମ୍ପାଦିକା ଜେ.ଦୀପା, ପିଆର୍‌ଓ ରଞ୍ଜନା ମିଶ୍ର, ସଦସ୍ୟା ପି.ଆଶାରାଣୀ, ସ୍ୱାତୀ ସେନାପତି ଓ ବନ୍ଦିତା ତ୍ରିପାଠୀଙ୍କ ସମେତ ଅନ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

■ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

# ମୂଲ୍ୟାୟନକୁ ନେଇ ଉଠାଇଲେ ପ୍ରଶ୍ନ

ବ୍ରହ୍ମପୁର ଅଫିସ୍,୨୨।୯



ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ଫାଟକ ପାଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ପରୀକ୍ଷା ଖାତା ମୂଲ୍ୟାୟନକୁ ନେଇ ଗୋଟିଏ ପରେ ଗୋଟିଏ ଶିକ୍ଷାନୁଷ୍ଠାନରେ ଅସନ୍ତୋଷ ଦେଖିବାକୁ ମିଳୁଛି । ଛାତ୍ରୀଛାତ୍ରମାନେ ମୂଲ୍ୟାୟନରେ ତ୍ରୁଟି ଅଭିଯୋଗ ଆଣି ଆନ୍ଦୋଳନ କରୁଛନ୍ତି । ଗତକିଛି ମାସ ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ମହାବିଦ୍ୟାଳୟଗୁଡ଼ିକରେ ଦ୍ୱିତୀୟ ସେମିଷ୍ଟର୍ ପରୀକ୍ଷାର ଖାତା ମୂଲ୍ୟାୟାନକୁ ନେଇ ବିକ୍ଷୋଭ ଦେଖିବାକୁ ମିଳିଥିଲା । ଏବେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ପରେ ଶନିବାର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ଖାତା ମୂଲ୍ୟାୟନକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସେମାନେ ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରିଛନ୍ତି ।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ହେଲା, ଗତ ୧୯ତାରିଖରେ ଯୁକ୍ତ ୩ ତୃତୀୟ ସେମିଷ୍ଟର୍ ପରୀକ୍ଷାର ଫଳ ପ୍ରକାଶ ପାଇଥିଲା। କିନ୍ତୁ ପରୀକ୍ଷାଫଳ ସମସ୍ତଙ୍କୁ ଚକିତ କରିଛି । କାରଣ ପ୍ରାୟ ୮୦ରୁ ୯୦ଭାଗ ଛାତ୍ରୀଛାତ୍ରଙ୍କ ସମ୍ମାନ ଏବଂ ଅନ୍ୟାନ୍ୟ ବିଷୟରେ ପେପର୍ ବ୍ୟାକ ରହିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଡି ଏବଂ ଏଫ୍ ଗ୍ରେଡ୍ ପାଇଛନ୍ତି। ଉତ୍ତର ଠିକ୍ ଥିଲେ ମଧ୍ୟ ତାହାକୁ ଭୁଲ୍ ଦର୍ଶାଇ ମାର୍କ କାଟି ଦିଆଯାଇଛି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ସେମାନେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୂର୍ଯ୍ୟନାରାୟଣ ସାହୁଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ । କିନ୍ତୁ ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ପରୀକ୍ଷା ପରିଚାଳନା କରୁଥିବା ଯୋଗୁ ଏଥିରେ ମହାବିଦ୍ୟାଳୟର କୌଣସି ଭୂମିକା ନାହିଁ। ବିଶ୍ୱବିଦ୍ୟାଳୟର କୁଳପତିଙ୍କ ନିକଟରେ ଅଭିଯୋଗ କରିବାକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସାହୁ ପରାମର୍ଶ ଦେଇଥିଲେ। ଶନିବାର ଛାତ୍ରୀଛାତ୍ର ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟରେ ଅଭିଯୋଗ କରିବାକୁ ପହଞ୍ଚିଥିଲେ। ହେଲେ ଫାଟକ ପାଖରେ ପୋଲିସ ସେମାନଙ୍କୁ ଅଟକାଇ ଥିଲା। ଫାଟକକୁ ବନ୍ଦ କରି ଦିଆଯାଇଥିଲା । ଯାହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଫାଟକ ପାଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କୁଳପତି ଏବଂ ବିଶ୍ୱବିଦ୍ୟାଳୟ ବିରୋଧରେ ସ୍ଲୋଗାନ୍ ଦେଇଥିଲେ। କିଛି ସମୟ ପରେ ଭିତରକୁ ଯିବାକୁ ଅନୁମତି ଦିଆଯାଇଥିଲା । ଆନ୍ଦୋଳନକାରୀମାନେ କୁଳପତିଙ୍କୁ ସାକ୍ଷାତ କରିବାକୁ ଚାହୁଁଥିଲେ ମଧ୍ୟ ତାଙ୍କୁ କୁଳସଚିବ କିଶୋର ଚନ୍ଦ୍ର ଦାସଙ୍କ ପାଖରେ ଅଟକାଇ ଦିଆଯାଇଥିଲା। ଛାତ୍ରୀଛାତ୍ରମାନେ ତାଙ୍କୁ ଏକ ସ୍ମାରକପତ୍ର ଦେବା ସହ ଖାତା ପୁନଃ ମୂଲ୍ୟାୟନ ପାଇଁ ଦାବି କରିଥିଲେ । କୁଳପତି ଏବଂ ପରୀକ୍ଷା ନିୟନ୍ତ୍ରକଙ୍କ ସହ ଆଲୋଚନା କରିବା ପରେ ଦୁଇ ଦିନ ମଧ୍ୟରେ ଉତ୍ତର ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ।

■ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପାର ଅଭିଯୋଗ

# ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ବିଏମସି ଫେଲ


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

ବ୍ରହ୍ମପୁର ଅଫିସ,୨୨।୯

ବ୍ରହ୍ମପୁର ମହାନଗର ନିଗମ (ବିଏମସି)ରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଫେଲ ମାରିଛି । ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ଯୋଗାଇଥିବା ଅନୁଦାନ ଠିକଣା ଭାବରେ ବିନିଯୋଗ ହୋଇ ନ ଥିବା ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ଅଭିଯୋଗ କରିଛି । ମହାନଗରରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ମଧ ଦାବି ହୋଇଛି । ଅନ୍ୟପକ୍ଷରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଭାଜପା ଆରମ୍ଭ କରିଛି ଏବଂ ଏଥିଲାଗି ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯାଉଥିବା କୁହାଯାଉଛି ।

ବ୍ରହ୍ମପୁରରେ ଭାଜପା ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆହୁରି କୁହାଯାଇଛି ଏହି ଅଭିଯାନ ଆସନ୍ତା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିବସ ଅକ୍ଟୋବର ୨ରେ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାଜପା 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଚଳାଇଛି । ଏହି ଅବସରରେ ସ୍ୱାସ୍ଥ୍ୟସେବା ଏବଂ କାର୍ଯ୍ୟାଞ୍ଜଳି କାର୍ଯ୍ୟକ୍ରମ ମଧ ହାତକୁ ନିଆଯାଇଛି । ଜିଲାର ସମସ୍ତ ମଣ୍ଡଳ ଶାଖାରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବାର ପଦକ୍ଷେପ ନିଆଯାଇଛି । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଶତବାର୍ଷିକୀ ପାଳନ ମଧ କରାଯାଉଥିବାର ସୂଚନା ଦିଆଯାଇଛି । ଅକ୍ଟୋବର ୨ରେ ବ୍ରହ୍ମପୁରରେ ଏହି କାର୍ଯ୍ୟକ୍ରମର ଉଦଯାପନ କରାଯିବାର ନିଷ୍ପତ୍ତି ନିଆଯାଇଛି ।

ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ତଥା ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳି ସଂଯୋଜକ କାମନା ପାଢ଼ୀ ଉପରୋକ୍ତ ସୂଚନା ଦେଇଥିଲେ । ସାଧାରଣ ସମ୍ପାଦକ ରବୀନ୍ଦ୍ର ସାହୁ, କର୍ପୋରେଟର ନମିତାରାଣୀ ପଣ୍ଡା, ସ୍ୱଚ୍ଛତା ଅଭିଯାନର ସଂଯୋଜକ ମଧୁସୂଦନ ସାହୁ, ବରିଷ୍ଠ ନେତା ଶିଶିର ପାଢ଼ୀ, ବାଳକୃଷ୍ଣ ସାମନ୍ତରା, ଡ଼ା. ରାମହରି ଖଣ୍ଡୁଆଳ ଉପସ୍ଥିତ ଥିଲେ । ଏହି ଅବସରରେ ହୋଇଥିବା ବିଭିନ୍ନ ଆଲୋଚନାରେ ଶିବରାମ ଅଧିକାରୀ, ପ୍ରଫୁଲ୍ଲ ପାଣିଗ୍ରାହୀ, ତ୍ରିନାଥ ମହାପାତ୍ର, ବିଘ୍ନରାଜ ସାହୁ, ବିଷ୍ଣୁ ପ୍ରସାଦ ପଣ୍ଡା ପ୍ରମୁଖ ଭାଗ ନେଇଥିଲେ ।

### ନିଖିଳ ଉତ୍କଳ ତେଲଗା ଦୋରା ସମାଜ ବନ୍ଧୁମିଳନ

କୁକୁଡ଼ାଖଣ୍ଡି,୨୨।୯(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ଯୁଗଜ୍ୟୋତି ଯୁବ ସଂସଦ ପାଠାଗାର ପରିସରରେ ନିଖିଳ ଉତ୍କଳ ତେଲଗା ଦୋରା ସମାଜର ବନ୍ଧୁମିଳନ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ତେଲଗା ଦୋରା ସମାଜର ୧୮ ତାଲୁକା ତଥା କେନ୍ଦ୍ର ସଭାପତି ମଦନ ଗୋପାଳ ଦୋରା ଏବଂ ସମ୍ପାଦକ ଗୋପାଳ ରାଓ ଦୋରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ତାଲୁକାରୁ ମହେଶ୍ୱରୀ ଦୋରା, ଦିଗପହଣ୍ଡିରୁ ରାଜୁବାବୁ ଦୋରା, ହିଞ୍ଜିଳିକାଟୁରୁ ରାଙ୍ଗା ରାଓ ଏବଂ ବ୍ରହ୍ମପୁର ତାଲୁକାରୁ ପି. ପଦ୍ମନାଭ ଦୋରା, ରଘୁନାଥ ଦୋରା ଯୋଗ ଦେଇଥିଲେ । କୁକୁଡ଼ାଖଣ୍ଡି ତେଲଗା ଦୋରା ସମାଜର ସଭାପତି ପି. ଶିବ ପ୍ରସାଦ ଦୋରା, ସମ୍ପାଦକ ଏ. ଶଙ୍କର ଦୋରା ଏହାକୁ ଆୟୋଜନ କରିଥିଲେ । ଏଥିରେ ସମସ୍ତ ଦୋରା ପରିବାର ଉପସ୍ଥିତ ଥିଲେ । ଦୋରା ସମାଜର ଉନ୍ନତି ଏକତ୍ରିତ ହେଲେ ସମ୍ଭବ ହେବ ବୋଲି ଅତିଥିମାନେ କହିଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର


@ ଆନନ୍ଦ


@ ଦେବବ୍ରତ


@ ବିଷ୍ଣୁ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# କ୍ଷେତ୍ରପ୍ରଚାର ବିଭାଗର ସୁକନ୍ୟା ସମୃଦ୍ଧି କର୍ମଶାଳା



କର୍ମଶାଳାରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ,୨୨।୯

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କ୍ଷେତ୍ରପ୍ରଚାର କାର୍ଯ୍ୟାଳୟ ବ୍ରହ୍ମପୁର ଶାଖା ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକ ସାତକୁସୁଣି ଗ୍ରାମରେ ବେଟି ବଚାଓ, ବେଟି ପଢାଓ ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ଶୀର୍ଷକ ଏକ ସଚେତନତା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରପ୍ରଚାର ଅଧିକାରୀ ମନମୋହନ ପାଢୀଙ୍କ ଅଧକ୍ଷତାରେ ଆୟୋଜିତ କର୍ମଶାଳାକୁ ସ୍ଥାନୀୟ ସରପଞ୍ଚ ବିଜୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ସମିତି ସଭ୍ୟ ଉପେନ୍ଦ୍ର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। କ୍ଷେତ୍ରପ୍ରଚାର ଅଧିକାରୀ ପାଢୀ କାର୍ଯ୍ୟକ୍ରମର ଆଭିମୁଖ୍ୟ, ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସମାଜର ଲଙ୍ଗ ସମାନୁପାତକୁ ରକ୍ଷା କରିବା, କନ୍ୟାଭ୍ରୂଣ ହତ୍ୟା ରୋକିବା, କନ୍ୟାଙ୍କୁ ଶିକ୍ଷା ସୁଯୋଗ ପ୍ରଦାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ସରକାରଙ୍କ ସୁକନ୍ୟା ସମୃଦ୍ଧି ଯୋଜନା ଉପରେ ସେ ବିସ୍ତୃତ ଭାବେ ବୁଝାଇଥିଲେ । ବ୍ରହ୍ମପୁର ଡାକଡିଭିଜନର ସ୍ୱାଗତିକା ପାଳ ବକ୍ତାଭାବେ ଯୋଗଦେଇ ଭାରତ ସରକାରଙ୍କ ଡାକ ବିଭାଗ ଦ୍ୱାରା ପ୍ରଚଳିତ ସମୃଦ୍ଧି ଯୋଜନାର ବିଭିନ୍ନ ଦିଗ ଉପରେ କହିଥିଲେ। ସ୍କାଇଲ ଅନୁଷ୍ଠାନର ସମ୍ପାଦକ ସୁକଣ୍ଠ ପଣ୍ଡା ବେଟି ବଚାଓ ଏବଂ ବେଟି ପଢାଓ କାର୍ଯ୍ୟକ୍ରମ ଉପରେ ଅବଗତ କରିଥିଲେ। ସମାଜରେ ଲିଙ୍ଗଗତ ସମାନୁପାତ ବଜାୟ ରଖିବା ଉପରେ ସମସ୍ତେ ଯତ୍ନଶୀଳ ହେବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ କ୍ଷେତ୍ରପ୍ରଚାର ବିଭାଗ ପକ୍ଷରୁ ପ୍ରଶ୍ନୋତ୍ତର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା । ସରପଞ୍ଚ ବିଜୟ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିବା ବେଳେ କ୍ଷେତ୍ରପ୍ରଚାର ସହାୟକ ଭି.ଏସ୍. ଫନୀକୁମାର, ପ୍ରମୋଦ ସାବତ ଓ ରଙ୍ଗାଧର ନାୟକ ପ୍ରମୁଖ ସହଯୋଗ କରିଥିଲେ । ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏଥିରେ ସ୍ଥାନୀୟ ଅଞ୍ଚଳର ଅଙ୍ଗନୱାଡି, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ବହୁ ମହିଳା, ଛାତ୍ରୀ ଯୋଗଦେଇଥିଲେ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

### ୨୩।୯।୨୦୧୮ (ରବିବାର)

- କଳିଙ୍ଗ ମହାବିଦ୍ୟାଳୟ ପରିଚାଳନା ପରିଷଦ ବୈଠକ। ସ୍ଥାନ- କଳିଙ୍ଗ ମହାବିଦ୍ୟାଳୟ ସଭାଗୃହ, ଜି.ଉଦୟଗିରି, ସମୟ- ପୂର୍ବାହ୍ନ ୧୦ଟା।
- ଭୀମ ଭୋଇ ଦିବ୍ୟାଙ୍ଗ ଶିବିର। ସ୍ଥାନ- ସାମନ୍ତିଆପଲ୍ଲୀ, ସମୟ- ସକାଳ ୭ଟା।
- ଭାଗବତ ଟୁଙ୍ଗି ସଂରକ୍ଷଣ ସଂଘ ଗଠନ। ସ୍ଥାନ- କେଲୁଆ, ସମୟ- ପୂର୍ବାହ୍ନ ୧୦ଟା।
- ଜନସେବା କେନ୍ଦ୍ର କର୍ମଚାରୀଙ୍କ ବୈଠକ। ସ୍ଥାନ- ପାତ୍ରପୁର, ସମୟ- ପୂର୍ବାହ୍ନ ୧୧ଟା।
- ଏନ.ସି.ସି ୟୁନିଟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ। ସ୍ଥାନ-ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପାର୍କପରିସର, ଦିଗପହଣ୍ଡି, ସମୟ- ସକାଳ ୯ଟା।
- ରେମିଡିଏଲ କ୍ଲାସ କାର୍ଯ୍ୟକ୍ରମ। ସ୍ଥାନ- ବଡ଼ ଖେମୁଣ୍ଡି ହାଇସ୍କୁଲ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ବୃକ୍ଷରୁ କଣ୍ଟା ବାହାର କରିବା ଅଭିଯାନ। ସ୍ଥାନ-ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ-ସକାଳ ୭ଟା ୩୦ ମିନିଟ୍।
- ମେଗା ରକ୍ତଦାନ ଶିବିର। ସ୍ଥାନ-ବିଜୁ ପଟ୍ଟନାୟକ ସଂସ୍କୃତି ଭବନ,ସମୟ- ପୂର୍ବାହ୍ନ ୧୦ଟା।

### ୨୪।୯।୨୦୧୮ (ସୋମବାର)

- ଜାତୀୟ ସେବା ଯୋଜନାର ସ୍ୱଚ୍ଛତା କାର୍ଯ୍ୟକ୍ରମ। ସ୍ଥାନ-ପିପୁଲ୍ସ କଲେଜ ବୁଗୁଡ଼ା, ସମୟ- ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୧ଟା।
- ବାଳିକାଙ୍କ ନିମନ୍ତେ ଖୁସି କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ ଶିବିର। ସ୍ଥାନ- ରାଜମାତା ପ୍ରାଥମିକ ବିଦ୍ୟାଳୟ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟ ସୁପରଭାଇଜରମାନଙ୍କ ସାପ୍ତାହିକ ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ମଧ୍ୟାହ୍ନ ୧୨ଟା।
- ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜନ୍ମ ଜୟନ୍ତୀ ଉତ୍ସବ। ସ୍ଥାନ - ଦିବ୍ୟଜୀବନ ସଂଘ, ଆସିକା, ସମୟ- ସକାଳ ୬ ଟା।
- ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ଓ ପ୍ରଶିକ୍ଷଣ ଶିବିର। ସ୍ଥାନ- ଏନ୍.ବି.ସି. କଲେଜ, କେନ୍ଦୁପଦର, ସମୟ - ପୂର୍ବାହ୍ନ ୧୦ଟା।
- ପରିବେଶ ସଚେତନତା ସଭା। ସ୍ଥାନ- ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟ (ଭଞ୍ଜନଗର), ସମୟ-ସକାଳ-୭ଟା।

### ୨୫।୯।୨୦୧୮ (ମଙ୍ଗଳବାର)

- ଭାଗବତ ଜନ୍ମ ଉତ୍ସବ। ସ୍ଥାନ- ସୁବର୍ଣ୍ଣପୁର, ସମୟ- ସକାଳ ୬ଟା।
- ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର। ସ୍ଥାନ-ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ- ପୂର୍ବାହ୍ନ ୧୦ଟା।
- ବିଜୁପକ୍କାଘର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ। ସ୍ଥାନ- ବ୍ଲକ ସଭାଗୃହ, ଶେରଗଡ଼, ସମୟ- ପୂର୍ବାହ୍ନ ୧୦ଟା।
- ବିଜୁ ଯୁବବାହିନୀ ସଭ୍ୟଙ୍କୁ ପୋଷାକ, ଟୋପି ପ୍ରଦାନ। ସ୍ଥାନ- ପଞ୍ଚାୟତ ସଭାଗୃହ, ସମୟ- ପୂର୍ବାହ୍ନ ୧୦ଟା।
- ଶିଶୁ ଓ ପ୍ରସୂତିଙ୍କ ନିମନ୍ତେ ମମତା ଦିବସ ସଚେତନତା। ସ୍ଥାନ-ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ-ସକାଳ ୯ଟା।
- ଆଶା କର୍ମୀଙ୍କ ସେକ୍ଟର ସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା ସମୀକ୍ଷା ବୈଠକ। ସ୍ଥାନ-ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୧ଟା।
- ଆନ୍ତଃ ମହାବିଦ୍ୟାଳୟ ଖୋଖୋ ପ୍ରତିଯୋଗିତା। ସ୍ଥାନ- ଏନ୍.ବି.ସି. କଲେଜ, କେନ୍ଦୁପଦର, ସମୟ - ପୂର୍ବାହ୍ନ ୧୧ଟା ।

### ୨୬।୯।୨୦୧୮ (ବୁଧବାର)

- କୃମି ନାଶକ ଦିବସ। ସ୍ଥାନ-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଗୁଡ଼ା, ସମୟ-ସକାଳ ୯ଟା।
- ସ୍ୱଚ୍ଛ ଭାରତ ସମୀକ୍ଷା ବୈଠକ। ସ୍ଥାନ- ବ୍ଲକ ସଭାଗୃହ ଶେରଗଡ଼, ସମୟ- ପୂର୍ବାହ୍ନ ୧୦ଟା।
- ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୃମିନାଶକ ଔଷଧ ବଣ୍ଟନ କାର୍ଯ୍ୟକ୍ରମ। ସ୍ଥାନ- ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ-ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ପୂର୍ବାହ୍ନ ୧୦ଟା।

### ୨୭।୯।୨୦୧୮ (ଗୁରୁବାର)

- କୁଷ୍ଠ ନିରାକରଣ ସଚେତନ କାର୍ଯ୍ୟକ୍ରମ। ସ୍ଥାନ-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଗୁଡ଼ା, ସମୟ- ସକାଳ ୯ଟା।
- ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭତ୍ତାବଣ୍ଟନ କାର୍ଯ୍ୟକ୍ରମ। ସ୍ଥାନ-ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ପୂର୍ବାହ୍ନ ୧୧ଟା।
- ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ। ସ୍ଥାନ-ବାସୁଦେବପୁର ଗ୍ରାମ, ସମୟ- ଅପରାହ୍ନ ୩ଟା।
- ଖୋଖୋ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ। ସ୍ଥାନ- ଏନ୍.ବି.ସି. କଲେଜ, କେନ୍ଦୁପଦର, ସମୟ - ଅପରାହ୍ନ ୧ ଟା।

### ୨୮।୯।୨୦୧୮ (ଶୁକ୍ରବାର)

- ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ। ସ୍ଥାନ- ବିରଞ୍ଚିପୁର, ସମୟ- ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଦିବସ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୧ଟା।

### ୨୯।୯।୨୦୧୮ (ଶନିବାର)

- ମୋ ହିରୋ କାର୍ଯ୍ୟକ୍ରମ। ସ୍ଥାନ କଳିଙ୍ଗ ମହାବିଦ୍ୟାଳୟ ପରିସର, ଜି.ଉଦୟଗିରି, ସମୟ- ପୂର୍ବାହ୍ନ ୧୦ଟା।
- ଆବାସ ଯୋଜନା ସମ୍ପର୍କିତ ବୈଠକ। ସ୍ଥାନ- ବ୍ଲକ ସଭାଗୃହ, ସମୟ-ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ବିଭିନ୍ନ ସରକାରୀ ଯୋଜନା ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୩ଟା।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଅଚିହ୍ନା ବ୍ୟକ୍ତି ମୃତ

**ଢେଙ୍କିକୋଟ, ୨୨।୯(ଡି.ଏନ୍.ଏ.)**- କେନ୍ଦୁଝର ଜିଲା ଘଟଗାଁ ବ୍ଲକ ରୁଚିଶିଳା ପଞ୍ଚାୟତ ଦୈତାରୀ ବାଉଁଶପାଣି ଟ୍ରେନ୍ ଲାଇନ୍‌ରେ ଶନିବାର ଅପରାହ୍ନରେ ଏକ ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତି ଜଣକ ନିଳ ରଙ୍ଗର ଗଞ୍ଜି ପିନ୍ଧିଥିବାବେଳେ ମାଟିଆ ରଙ୍ଗର ହାପ୍‌ପ୍ୟାଣ୍ଟ ପିନ୍ଧିଛନ୍ତି। ତାଙ୍କ ବୟସ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଲେଖା ହେବାଯାଏ କୌଣସି ମାମଲା ରୁଜୁ ହୋଇନାହିଁ କିମ୍ବା ରେଲୱେ ପୋଲିସ କିମ୍ବା ଢେଙ୍କିକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ଜଙ୍ଗଲ ମଝିରେ ମୃତଦେହ ପଡ଼ିରହିଛି। ତେବେ ମୃତ୍ୟୁ ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ ବୋଲି ଢେଙ୍କିକୋଟ ଫାଣ୍ଡି ଅଧିକାରୀ କହିଛନ୍ତି।

### ହରେକୃଷ୍ଣଙ୍କୁ ଅବୈତନିକ ନିଯୁକ୍ତି



**କେନ୍ଦୁଝର, ୨୨।୯ (ସ୍ୱ.ପ୍ର.)**- ବିଶିଷ୍ଟ ବୈଦ୍ୟବିଶାରଦ, ପରିବେଶବିତ ହରେକୃଷ୍ଣ ମହାନ୍ତଙ୍କୁ କେନ୍ଦୁଝର ବନଖଣ୍ଡ ପାଇଁ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କୁ ଏଥିଲାଗି ଚୟନ କରାଯାଇ ଓଡ଼ିଶା ଗେଜେଟରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀ ତାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ୨ ବର୍ଷ ପାଇଁ ସେ ଏହି ପଦବୀରେ ରହି କାର୍ଯ୍ୟକରିବେ। ହରେକୃଷ୍ଣଙ୍କ ଘର ସଦର ବ୍ଲକ ବେଲପଶି ଗ୍ରାମରେ । ପରିବେଶ ସୁରକ୍ଷା ଓ ଔଷଧୀୟ ବୃକ୍ଷ ରୋପଣ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସେ କାର୍ଯ୍ୟ କରି ଆସୁଛନ୍ତି। ଏହି ଅବୈତନିକ ପଦବୀରେ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି।

### ଆକୁଳରେ ଚାରାରୋପଣ

**ତେଲକୋଇ,୨୨।୯(ଡି.ଏନ.ଏ.)**– ତେଲକୋଇ ବ୍ଲକ ଅନ୍ତର୍ଗତ ଆକୁଳ ପଞ୍ଚାୟତ ମୁଖ୍ୟାଳୟଠାରେ ମା’ ମଙ୍ଗଳା ଗଣେଶ ପୂଜା କମିଟି ପକ୍ଷରୁ ଚାରା ରୋପଣ କରାଯାଇଛି। ଗ୍ରାମର ପରିବେଶକୁ ସୁନ୍ଦର କରିବା ସହିତ ବୃକ୍ଷ ହିଁ ଜୀବନ ସ୍ଲୋଗାନ ଦେଇ କମିଟି ପକ୍ଷରୁ ୧ଶହରୁ ଊର୍ଦ୍ଧ୍ୱ ଶାଗୁଆନ, ଶିଶୁ, ଗମ୍ଭାରୀ, କୃଷ୍ଣଚୂଡ଼ା ଚାରା ରୋପଣ କରିଛନ୍ତି । ଏଥି ସହିତ ଗ୍ରାମରେ ସଚେତନତା କରିବା ସହିତ ଗଛ ଲଗାଇବା ପାଇଁ କମିଟି ଯୁବକ ସ୍ଥାନୀୟ ଲୋକଙ୍କୁ ଉତ୍ସାହିତ କରିଥିଲେ। ବନ ବିଭାଗ ପକ୍ଷରୁ ଚାରା ଯୋଗାଣ କରାଯାଇଥିବା ବେଳେ ଆଗାମୀ ଦିନରେ ଅଧିକରୁ ଅଧିକ ଚାରା ଦିଆଯିବ ଓ ବିଭିନ୍ନ ପଞ୍ଚାୟତରେ ଚାରା ରୋପଣକୁ ପ୍ରୋତ୍ସାହନ କରାଯାଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। କମିଟିର ମହେଶ୍ୱର ନାଏକ, ପ୍ରଶାନ୍ତ କୁମାର ନାଏକ, ଦଶରଥ ଖଣ୍ଡା, ବେଣୁଧର ନରସିଂହ, ବୁଲୁ ଖଣ୍ଡା, ବଳିଆ ନାଏକଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଡିଟିଇଟି ନିର୍ଦ୍ଦେଶକଙ୍କ ଆଇଟିଆଇ ପରିଦର୍ଶନ

**ଆନନ୍ଦପୁର,୨୨।୯(ସ୍ୱ.ପ୍ର.)**- ରାଜ୍ୟ ଡିଟିଇଟି ନିର୍ଦ୍ଦେଶକ ବଳବନ୍ତ ସିଂହ ଆନନ୍ଦପୁରର ଶାଳପଡାଠାରେ ଥିବା ସରକାରୀ ଆଇଟିଆଇ ପରିଦର୍ଶନ କରି ଫେରିଛନ୍ତି। ଶାଳପଡା ଆଇଟିଆଇରେ ରହିଥିବା ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଥିଲାବେଳେ ଗେଟ୍ ସମ୍ମୁଖରେ ଯାଇଥିବା ସର୍ଭିସ୍ ରୋଡ ଏବଂ ସେଠାରେ ଥିବା ତ୍ରୁଟିପୂର୍ଣ୍ଣ ଡ୍ରେନ୍ ଯୋଗୁ ନିର୍ଦ୍ଦେଶକ ସିଂହ ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥାର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ପରେ ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପିପିପି ଗୃହ ପରିଦର୍ଶନ କରିବା ସହିତ ନୂତନ ଭାବେ ଖୋଲାଯିବାକୁ ଥିବା ଟ୍ରେଡ୍ ସମ୍ପର୍କରେ ଅଧକ୍ଷ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସହିତ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହିତ ନିର୍ଦ୍ଦେଶକ ସିଂହ ଆଲୋଚନା କରିବା ପରେ ଆଇଟିଆଇରେ ରହିଥିବା ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ

**କେନ୍ଦୁଝର, ୨୨।୯ (ସ୍ୱ.ପ୍ର.)**



କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ, କୁଶପୁତ୍ତଳିକା ଦାହ।

- ଜିଲାପାଳଙ୍କ ଅଫିସ ଘେରାଉ
- ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ
- ଆନ୍ଦୋଳନ ଜୋରଦାର କରିବାକୁ ପ୍ରସ୍ତୁତି

ବିଦ୍ୟାଳୟ, ଗଣଶିକ୍ଷା ମନ୍ତ୍ରୀ ବଦ୍ରୀ ପାତ୍ରଙ୍କ ଇସ୍ତଫା ଦାବିକରି କେନ୍ଦୁଝର ଜିଲା କଂଗ୍ରେସ ଆନ୍ଦୋଳନକୁ ଜୋରଦାର କରିଛି। ଛାତ୍ର, ମହିଳା ଓ ଯୁବ କଂଗ୍ରେସ କର୍ମୀମାନେ ଏଥିରେ ସାମିଲ ହୋଇଛନ୍ତି। ଶନିବାର କଂଗ୍ରେସ କର୍ମୀମାନେ ଦଳର ଜିଲା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସଠାରେ ପହଞ୍ଚିଥିଲେ। ସେମାନେ ଜିଲାପାଳଙ୍କ ଅଫିସକୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ଇଙ୍ଗୀତରେ କେନ୍ଦୁଝର ଜିଲାରେ ଗୁଣ୍ଡାରାଜ ଚାଲିଥିବାର ଅଭିଯୋଗରେ ସେମାନେ ନାରାବାଜି କରି କୁଶ ପୁତ୍ତଳିକା ଦାହ କରିଥିଲେ। ମାରଣାସ୍ତ୍ରରେ ଆକ୍ରମଣ କରିବା ଓ ପୋଲିସ ଉପରେ ଆକ୍ରମଣ କରି ଅଭିଯୁକ୍ତଙ୍କୁ ଛଡ଼େଇ ନେବା ଘଟଣାରେ ମନ୍ତ୍ରୀଙ୍କ ପୁଅ ଦେବାଶିଷ ପାତ୍ର ଗିରଫ ହେବା ପରେ କଂଗ୍ରେସ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିକରି ସରକାରଙ୍କୁ ସମାଲୋଚନା କରିଛି। ହେଲେ ଦଳର ଦାବିପ୍ରତି ପ୍ରଶାସନ ଉଦାସୀନତା ଅବଲମ୍ବନ କରୁଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘେରାଉ ଆନ୍ଦୋଳନରେ କଂଗ୍ରେସ ଜିଲା କାର୍ଯ୍ୟକାରୀ ସଭାପତି ବିପ୍ଳବ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସମ୍ପାଦକ ସଂଗ୍ରାମ ଦାସ, ପାର୍ଥ ସାରଥୀ ପହି, କୀର୍ତ୍ତନ ବିହାରୀ ଜେନା, ସୁନେଶ ଧୀର, ପୟୋଧର ବେହେରା, ରଞ୍ଜନ ସ୍ୱାଇଁ ପ୍ରମୁଖ ନେତା ସାମିଲ ଥିଲେ। ଜିଲା ସଭାପତି ମୋହନ ପରିଡ଼ା ଏହାର ନେତୃତ୍ୱ ନେଇଥିଲେ । ରାଜ୍ୟ ସରକାର ସବୁବେଳେ ସ୍ୱଚ୍ଛତା କଥା କହି ଆସୁଥିବାରୁ ଏହାର ପ୍ରମାଣ ଦେଇ ମନ୍ତ୍ରୀ ପାତ୍ରଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରୁ ବୋଲି ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର ଉଦ୍‌ବୋଧନ ଦେଇ କହିଥିଲେ। ଶାସକ ଦଳ ପ୍ରୋତ୍ସାହନରେ ଜିଲାରେ ଆଇନଶୃଙ୍ଖଳା ସୃଷ୍ଟି ଘଟଣା ନେଇ ବିଜେଡିକୁ ଘେରିବା ସକାଶେ କଂଗ୍ରେସ ରଣନୀତି ପ୍ରସ୍ତୁତ କରିଥିବା ଦଳ ପକ୍ଷରୁ କୁହାଯାଇଛି। ଭାଜପା ପକ୍ଷରୁ ଅନୁରୂପ ଦାବି କରାଯାଇ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିବାବେଳେ କଂଗ୍ରେସ ପୃଥକ୍ ଭାବେ ବିଜେଡିକୁ ଟାର୍ଗେଟ କରି ରାସ୍ତାକୁ ଓହ୍ଲାଇଛି।

# ଲାଗିରହିଛି ରାଜନୈତିକ ତାତି

**ଆନନ୍ଦପୁର, ୨୨।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଶୈଲଙ୍ଗ ଛକଠାରେ ଗତ ୬ ତାରିଖ ଗଣ୍ଡଗୋଳ ଘଟଣାକୁ ନେଇ ଜିଲାରେ ରାଜନୈତିକ ଉଷ୍ମତା ଜାରି ରହିଛି। ଜଣେ ଭାଜପା ନେତାଙ୍କୁ ଆକ୍ରମଣ କରାଯିବା ଘଟଣାନେଇ ରାମଚନ୍ଦ୍ରପୁର ଥାନା ପୋଲିସ ଦୁଇଟି ମାମଲା ରୁଜୁ କରିଛି। ଭାଜପା ଯୁବ ସଭାପତି ଆଶିଷ ବେହେରାଙ୍କ ଅଭିଯୋଗ ଅନୁଯାୟୀ ରୁଜୁ ହୋଇଥିବା ଏକ ମାମଲା(ନଂ.୧୮୧/୨୦୧୮)ରେ ପୋଲିସ ଟାଙ୍ଗି ଟୋଲଗେଟ ଅଞ୍ଚଳରୁ ମନ୍ତ୍ରୀ ବଦ୍ରି ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ଗିରଫ କରିଛି। ଦେବାଶିଷ ପୂର୍ବରୁ ଘସିପୁରା ବ୍ଲକରେ ଅଧ୍ୟକ୍ଷ ରହିଥିଲେ। ସେହିପରି ଦଫା ୩୪୧, ୨୯୪, ୪୫୨, ୩୭୯, ୩୨୩, ୩୨୫, ୫୦୬ ଅନୁଯାୟୀ ୧୧ଜଣଙ୍କ ନାଁରେ ଅନ୍ୟ ଏକ ମାମଲା (ନଂ.୧୮୧/୨୦୧୮) ରୁଜୁ ହୋଇଛି। ସେହିଭଳି ଶାସକଦଳ ନେତାଙ୍କ ପ୍ରଚ୍ଛନ୍ନ ଇଙ୍ଗିତରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରାଯାଉଥିବା ଭାଜପା ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରିବା ସାଙ୍ଗକୁ ମନ୍ତ୍ରୀଙ୍କ ଇସ୍ତଫା ଦାବି କରି କୁଶ ପୁତ୍ତଳିକା ଦାହ କରିଛି। ଅନ୍ୟପକ୍ଷେ ୬ ତାରିଖ ଗଣ୍ଡଗୋଳ ଘଟଣାରେ କେତେକ ପୋଲିସ ଓ ଆହତ ହୋଇଥିବା କେତେକ ବ୍ୟକ୍ତିଙ୍କ ଭୂମିକା ମଧ୍ୟ ଚର୍ଚ୍ଚାକୁ ଆସିଛି।

# କାନ୍ଥ ପଡ଼ି ମା’ ଗୁରୁତର, ଅଳ୍ପକେ ବର୍ତ୍ତିଲେ ବାପା ଝିଅ

**ପାଟଣା, ୨୨।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ଟାଙ୍ଗରପଡା ମୁଣ୍ଡା ସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ବେଳେ ଲଗାଣ ବର୍ଷାରେ ମାଟି କାନ୍ଥ ଖସି ପଡିବାରୁ ଏକ ପରିବାରର ୩ ଜଣଙ୍କୁ କାନ୍ଥ ଚାପି ଦେଇଛି। ଏଥିରେ ବିଜୁ ମୁଣ୍ଡାଙ୍କ ସ୍ତ୍ରୀ ଶ୍ରୀମତୀ ମୁଣ୍ଡା ଗୁରୁତର ଆହତ ହୋଇ ପଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଶୁକ୍ରବାର ରାତିରେ ଘରେ ଖାଇ ବିଜୁ , ସ୍ତ୍ରୀ ଶ୍ରୀମତୀ ଓ ୧ ବର୍ଷର ଶିଶୁ କନ୍ୟା ସବିତା ଶୋଇଥିବାବେଳେ ତାଙ୍କ ଉପରେ କାନ୍ଥ ଖସି ପଡିଥିଲା। ତେବେ ସ୍ଥାନୀୟ ଲୋକ ଓ ଆଶା କର୍ମୀଙ୍କ ସହାୟତାରେ ତିନି ଜଣଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବିଜୁ ଏବଂ ତାଙ୍କ ଝିଅ ସାମାନ୍ୟ ଆହତ ହୋଇଥିବାବେଳେ ଶ୍ରୀମତୀଙ୍କ ପିଠିରେ କାନ୍ଥ ପଡ଼ିଥିବାରୁ ତାଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିବାର ଡାକ୍ତର ସୂଚନା ଦେଇଛନ୍ତି। ଏଣୁ ଅଧିକ ଚିକିତ୍ସା ଲାଗି ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିଜୁ ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କ ସ୍ତ୍ରୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବାକୁ ସ୍ଥାନୀୟ ସାମାଜିକ କର୍ମୀ ନବ କିଶୋର ପୃଷ୍ଟି ଦାବି କରିଛନ୍ତି।

# ଜିଲାସ୍ତରୀୟ ବିଜ୍ଞାନ ସେମିନାର

**କେନ୍ଦୁଝର, ୨୨।୯ (ସ୍ୱ.ପ୍ର.)**

ଶନିବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସେମିନାରରେ ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମ ନିୟମାବଳୀ ଉପରେ କହିଥିଲେ । ଜିଲାର ୧୩ ଟି ବ୍ଲକର ୧୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗୀରଥି ଗିରି, ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟାପକ ଡା. ରଞ୍ଜନ ମହାପାତ୍ର ଓ ଆଶିଷ ଷଡଙ୍ଗୀ ଯୋଗଦେଇ ମୂଲ୍ୟାୟନ କରିଥିଲେ। ସ୍ଥାନୀୟ ଏନଏଚ ପୋଲିସ ହାଇସ୍କୁଲର ଦିପ୍ତିପ୍ରଭା ରାଉତ ପ୍ରଥମ ହୋଇଥିବା ବେଳେ ଓଡିଶା ଆଦର୍ଶ ବିଦ୍ୟାଳୟ, ଆନନ୍ଦପୁରର ଅମ୍ରିତରାଜ ବିଶ୍ୱାଳ ଦ୍ୱିତୀୟ ଓ ଏସ୍‌କେଜି ନୋଡାଲ ହାଇସ୍କୁଲ, ଷଡଙ୍ଗୀର ଅର୍ପିତା ମଞ୍ଜରୀ ସାହୁ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ହେଲେନ ମହାନ୍ତ, ରାଜଲକ୍ଷ୍ମୀ ମହାପାତ୍ର, ମିନନ୍ଦିନୀ ନାଏକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଅଞ୍ଜନ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ■ ଖଣି ଲିଜଧାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ମାମଲା

# ଖଣି ଲିଜ୍‌ଧାରୀ ପୁଣି ସମୟ ନେଲେ

**କେନ୍ଦୁଝର, ୨୨।୯ (ସ୍ୱ.ପ୍ର.)**

ଖଣି ଲିଜ୍‌ଧାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ମାମଲା ନେଇ ଶନିବାର କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ଶୁଣାଣି ହୋଇଥିଲା। ଜରିମାନା ଦେବାରେ ଖିଲାପ କରିଥିବା ୬ ଖଣି ଲିଜଧାରୀ ହାଜର ହୋଇ ଅଧିକ ମହଲତ ମାଗିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ ଜରିମାନା ଦେଇ ନ ଥିବା ଖଣିସଂସ୍ଥା ଗୁଡ଼ିକର ସମ୍ପତ୍ତି ବାଜ୍ୟାପ୍ତି ଲାଗି ଜିଲାପାଳଙ୍କ କୋର୍ଟରେ ସାର୍ଟିଫିକେଟ ମାମଲା କରାଯାଇଛି। ଉକ୍ତ ମାମଲାରେ ପକ୍ଷ ରଖିବାକୁ କୋର୍ଟ ପକ୍ଷରୁ ନୋଟିସ୍ ଜାରି ହୋଇଥିଲା। ଏବେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବାରୁ ଲିଜ୍‌ଧାରୀମାନେ ଓକିଲଙ୍କ ଜରିଆରେ ଉପସ୍ଥିତ ହୋଇ ଏଥିଲାଗି ଅଧିକ ସମୟ ମାଗଥିଲେ। ଏହି ଆବେଦନକୁ ଆଧାର କରି ଜିଲାପାଳଙ୍କ କୋର୍ଟ ଆସନ୍ତା ୨୯ ତାରିଖକୁ ପରବର୍ତ୍ତୀ ସମୟ ଧାର୍ଯ୍ୟ କରିଛନ୍ତି। ଶନିବାର ହାଜର ହୋଇଥିବା ଖଣି ସଂସ୍ଥାଗୁଡ଼ିକ ହେଲେ ନାରାୟଣୀ ସନ୍ସ, ବାସୁଦେବ ଅଗ୍ରୱାଲ, ଟି ବି ଲାଲା, ଏସ. ପ୍ରଧାନ, ବି.ସି ଦେବ, ବି.ଡି.ପଟ୍ଟନାୟକ, ଏମ.ଟି.ଏସ, ଭି ମିନେରାଲସ, ଏସ.ସି.ପାଢ଼ୀ, ମେସ୍କୋ, ଫେକର ଓ ଏସ.ଏନ.ଦାସ ମହାପାତ୍ର ।

# ୨୪ରୁ ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ

**ଝୁମ୍ପୁରା, ୨୨।୯ (ଡି.ଏନ.ଏ.)**



ଝୁମ୍ପୁରାସ୍ଥିତ କାର୍ଯ୍ୟାଳୟରେ ଅଗ୍ନିଶମ କର୍ମଚାରୀ।

ରାଜ୍ୟ ସଂଘ ଡାକରାରେ ଆସନ୍ତା ୨୪ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଝୁମ୍ପୁରା ଅଗ୍ନିଶମ କର୍ମଚାରୀ ସୂଚନା ଦେଇଛନ୍ତି। ଅଗ୍ନିଶମ କର୍ମଚାରୀମାନେ ବହୁ ସମୟରେ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ଲୋକଙ୍କର ଧନଜୀବନ ହାନିରୁ ରକ୍ଷା କରୁଛନ୍ତି। ସେମାନେ ନିଜ ଜୀବନକୁ ମଧ୍ୟ ବାଜି ଲଗାଉଛନ୍ତି। ସର୍ବଦା ଜଡିତ ରହିଥିଲେ ହେଁ, ସରକାର ଅଗ୍ନିଶମ କର୍ମଚାରୀଙ୍କର ନିର୍ଦ୍ଦିଷ୍ଟ ୬ଦଫା ଦାବି ପ୍ରତି ଆଖି ବୁଜି ଦେଇଛନ୍ତି। ବାରମ୍ବାର ଏ ନେଇ ଦାବି ଉପସ୍ଥାପନ କରାଯାଉଥିଲେ ହେଁ ସରକାର ଏହାର ସମାଧାନ ଦିଗରେ କୌଣସୀ ପଦକ୍ଷେପ ନେଉନାହାନ୍ତି। ମୁଖ୍ୟ ଦାବି ଗୁଡ଼ିକ ହେଉଛି ଓଡିଶା ଅଗ୍ନିଶମ କର୍ମଚାରୀ ମାନଙ୍କୁ ପୋଲିସ କର୍ମଚାରୀଙ୍କ ସହିତ ସମାନ ଦରମା ଓ ଭତ୍ତା ପ୍ରଦାନ, ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଦରମା ସହିତ ଅଗ୍ନିଶମ କର୍ମଚାରୀଙ୍କୁ ନିଜ ଜିଲାରେ ନିଯୁକ୍ତି ପ୍ରଦାନ, ଅନ୍ୟ କର୍ମଚାରୀ ମାନଙ୍କ ଭଳି ୮ଘଣ୍ଟା କାର୍ଯ୍ୟ କରିବା ସହିତ ଅଗ୍ନିଶମ କର୍ମଚାରୀମାନେ କେଉଁ କେଉଁ କାର୍ଯ୍ୟ କରିବେ ତାହାର ଏକ ବିଧି ବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବା ଲାଗି କହିଛନ୍ତି।

# ଲକ୍ଷ୍ମୀନାରାୟଣ ପୂଜା ପାଇଁ ମାଟି ଅନୁକୂଳ

**କୋଲିମାଟି,୨୨।୯**



ଆନନ୍ଦପୁର ହାତୀବନ୍ଧା ଗ୍ରାମରେ ପବିତ୍ର ସୁନିଆଁ ଅବସରରେ ଲକ୍ଷ୍ମୀନାରାୟଣ ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ପୂଜା କମିଟିର ସଦସ୍ୟମାନେ ଭଜନ କୀର୍ତ୍ତନ ଏବଂ ଆଧାତ୍ମିକ ପରିବେଶରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପୂଜକ କେଶବ ପାଢୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଗ୍ରାମର ସଦସ୍ୟ ଯଦୁମଣି ବେହେରା, ପ୍ରାଣକୃଷ୍ଣ ଜେନା, କୃଷ୍ଣ ଚନ୍ଦ୍ର ଜେନା, ଉପେନ୍ଦ୍ର ବେହେରା, ଅନିରୁଦ୍ଧ ବେହେରା, ଭୀମସେନ ବେହେରା, ଯୁଧିଷ୍ଠିର ଜେନା, ଭୀମସେନ ଜେନା ପ୍ରମୁଖ ପୂଜା ପରିଚାଳନା କରିଥିଲେ।

# ଚକ୍ଷୁ ଚିକିତ୍ସା ଶିବିର



ବାରିଗାଁ ଠାରେ ଚକ୍ଷୁ ଚିକିତ୍ସା ଶିବିରରେ କର୍ମକର୍ତ୍ତା।

**ଆନନ୍ଦପୁର,୨୨।୯(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ବାରିଗାଁ ଠାରେ ମା’ ଧନେଇ ସେବା ସଂଘ ଓ ଭୂମିକା ଚକ୍ଷୁ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହିଶିବିରକୁଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ସାହୁ , ବରିଷ୍ଠ ନାଗରିକ କୀର୍ତ୍ତନ ବିହାରୀ ସାହୁ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଭୂମିକା ଚକ୍ଷୁ ହସ୍ପିଟାଲର ଚକ୍ଷୁ ବିଶେଷଜ୍ଞ ଦେବେନ୍ଦ୍ର କୁମାର ଯେନା, ଦେବେନ୍ଦ୍ର କୁମାର ସେଠୀ କ୍ୟାମ୍ପ ପରିଚାଳକ, ନର୍ସିଂ ଷ୍ଟାଫ୍ ପଦ୍ମାବତୀ ବରାଳ, ଅନ୍ନପୂର୍ଣ୍ଣା ଯେନା ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଏହି କ୍ୟାମ୍ପରେ ୫୦ରୁ ଊର୍ଦ୍ଧ୍ୱ ଚକ୍ଷୁ ରୋଗୀ ନିଜର ଚକ୍ଷୁ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୧୨ ଜଣ ଚକ୍ଷୁରୋଗୀ ଅପରେଶନ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ମା’ ଧନେଇ ସେବା ସଂଘର ସଭାପତି ବିଷ୍ଣୁ ପ୍ରସାଦ ବାରିକ, ସମ୍ପାଦକ ନରେଶ କୁମାର ସାହୁ, ସଦସ୍ୟ ଆଶୁତୋଷ ପଣ୍ଡା, ଜଗବନ୍ଧୁ ସେଠୀ, ବିଶ୍ୱଜିତ୍ ସାହୁ, ବଳରାମ ସାହୁ, ମାନସ କୁମାର ସେଠୀ, ବିଭୂ ଭୂଷଣ ବାରିକ, ନାରାୟଣ ଦେହୁରୀ, ଶରତ କୁମାର ସାହୁ, ବୁଲୁ ସାହୁ, ଟିଙ୍କୁ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲଗାଣ ବର୍ଷା ଯୋଗୁ ଧାନ ଫସଲ ନଷ୍ଟ

**ରାଇସୁଆଁ, ୨୨।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ଅଞ୍ଚଳର ନୂଆଗାଁ, ମହାଦେଇଯୋଡା, ରାଇସୁଆଁ, ପଦ୍ମପୁର, ଗୋପିନାଥପୁର, ପଳାଶପଙ୍ଗା, ପର୍ଜନପୁର, ନରଣପୁର, ନେଲୁଙ୍ଗ, ବାଉରୀପଦା ଆଦି ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି । ଧାନ କ୍ଷେତରେ ପାଣି ଭର୍ତ୍ତି ହୋଇରହିଥିବା ବେଳେ ଧାନ ଗୁଡିକ ବିଲରେ ଶୋଇଯାଇଛି। ଧାନଫୁଲ ଗୁଡିକ ଝଡି ଯାଇଥିବାରୁ ଧାନ ଗୁଡିକ ଅଗାଡି ହୋଇଯିବ ବୋଲି ବହୁ ଚାଷୀ କହିଛନ୍ତି। ଋଣ ଆଣି ଚାଷ କାମରେ ଲଗାଇଥିବାରୁ ଋଣ ଶୁଝିବା ଚାଷୀଙ୍କ ଲାଗି ଚିନ୍ତାର ବିଷୟ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାସହ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ବହୁ ଚାଷୀ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# କୁଆଁରୀ ଝିଅଙ୍କ କରମା ପୂଜା

**କେନ୍ଦୁଝର ୨୨।୯(ସ୍ୱ.ପ୍ର.)**



କୁଡୁମୀ ସମ୍ପ୍ରଦାୟର ଝିଅମାନେ ମେଳି ହୋଇ କରମା ପୂଜା କରୁଛନ୍ତି।

କେନ୍ଦୁଝରର ସଦର ବ୍ଲକ ଅନ୍ତର୍ଗତ ମୁରୁସୁଆଁ ଗ୍ରାମରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ କରମା ପୂଜା ଧୁମଧାମରେ ପାଳିତ ହୋଇଯାଇଛି । ସୁରଥ ମହାନ୍ତଙ୍କ ଘରେ ଝିଅ ମାନେ ଏକାଠି ହୋଇ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ କୁଆଁରୀ ଝିଅ ମାନେ ଜଙ୍ଗଲରୁ ବିଭିନ୍ନ ପ୍ରକାର ଫୁଲ, ଫଳ, ପତ୍ର ସଂଗ୍ରହ କରି ଆଣିଥିଲେ । ସନ୍ଧ୍ୟାରେ ପୂଜକ ସହ ମାଦଳର ତାଳେ ତାଳେ ଗୀତ ଗାଇ ଗାଇ ଗାଁ ମୁଣ୍ଡରେ ଥିବା କରମା ଗଛର ଡାଳକୁ ପୂଜା ଆରାଧନା କରିଥିଲେ। ତାପରେ ଝିଅମାନେ କାନ୍ଧରେ ବୋହି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଏହାର ଚତୁଃପାର୍ଶରେ କୁଆଁରୀ ଝିଅ ମାନେ ଘିଅ ଦୀପ ଜାଳି ବସି ଥିଲେ। ଏହାର କାହାଣୀକୁ ଗାଁର ଋଷିନାଥ ମହାନ୍ତ ଶୁଣାଇଥିଲେ। କାହାଣୀ ସରିବାପରେ ନାଚଗୀତର ଆସର ଜମିଥିବାବେଳେ ମହିଳା ଓ ପୁରୁଷମାନେ ସକାଳ ପର୍ଯ୍ୟନ୍ତ ଉଜାଗର ରହି ଏହି ପୂଜା ପାଳନ କରିଥାନ୍ତି। କରମା ରାଜାଙ୍କୁ ସକାଳେ ସମସ୍ତେ ମିଶି ଗାଁ ବନ୍ଧରେ ବିସର୍ଜନ କରି ଥିଲେ ।

# ‘ପରିବେଶ ସୁରକ୍ଷା ବର୍ତ୍ତମାନର ଆହ୍ୱାନ’

**କେନ୍ଦୁଝର, ୨୨।୯(ସ୍ୱ.ପ୍ର.)**

କେନ୍ଦୁଝରର ସଦର ମହକୁମାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟରେ ଶନିବାର ସେପ୍ଟେମ୍ବର ୨୨ରେ ବିଶ୍ୱ ଓଜନ ଦିବସ ହୋଟେଲ ସାମ୍ବର ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ଇଂ ପୁଷ୍କର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶୀତଳ ରହିବା ଏବଂ ଏହାକୁ ଆଗାମୀ ଦିନ ପର୍ଯ୍ୟନ୍ତ ବଳବତ୍ତର ରଖିବା’ ଶୀର୍ଷକ ଏକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଆରଡେଣ୍ଟ ଷ୍ଟିଲର ନିର୍ଦ୍ଦେଶକ ଡା. ଶୁଭାଶିଷ ଦାସ ଯୋଗଦେଇ ସାଂପ୍ରତିକ ପରିବେଶ ପ୍ରଦୂଷଣଜନିତ ବିଭିନ୍ନ ଅସୁବିଧା କିପରି ଜୀବଜଗତ ଭୋଗୁଛନ୍ତି ଏବଂ ଏହାର ପ୍ରତିକାର ସ୍ୱରୂପ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବାକୁ ଜଣାଇଥିଲେ। ଓଜନସ୍ତର ହ୍ରାସ ପାଇବା ଯୋଗୁ ଅତିନୀଳ ବାଇଗଣୀ ରଶ୍ମି କେବଳ ମାନବ ଜାତି ନୁହେଁ ଅନ୍ୟ ସମସ୍ତ ପ୍ରଜାତିଙ୍କୁ ଅଶେଷ କ୍ଷତି କରୁଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଦେବଗଡଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡା. ସୁଜିତ କୁମାର ନାଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୃକ୍ଷରୋପଣ ମାଧ୍ୟମରେ ପରିବେଶକୁ ଶୀତଳ ରଖିବା ପାଇଁ ସେ ନିଜର ଅଭିବ୍ୟକ୍ତି ପ୍ରଦାନ କରିଥିଲେ।

# ଅବୈତନିକ ଶିକ୍ଷାଦାନ କରି ଚର୍ଚ୍ଚାରେ ରମେଶ

**କେନ୍ଦୁଝର, ୨୨।୯(ସ୍ୱ.ପ୍ର.)**



ରମେଶ ଚନ୍ଦ୍ର ସେଠୀ।

କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ ଏକ ଶିକ୍ଷାନୁଷ୍ଠାନରୁ ଅବସର ନେବା ପରେ ଜଣେ ସଂସ୍କୃତ ଶିକ୍ଷକ ବର୍ଷାଧିକ କାଳ ଅବୈତନିକ ଭାବେ ଶିକ୍ଷାଦାନ କରୁଛନ୍ତି। ସେ ନିଜ ଘରୁ ବାହାରି ରାସ୍ତାରେ ବସ୍‌ଧରି ଏହି ଶିକ୍ଷାନୁଷ୍ଠାନକୁ ଆସି ପିଲାଙ୍କୁ ପାଠ ପଢାଇ ପୁଣି ଫେରିଯାଉଛନ୍ତି । ସ୍କୁଲରେ ଶିକ୍ଷକ ନିଯୁକ୍ତି ଦିଆ ନ ଯିବା ଯାଏ ସେ ଏଭଳି ପାଠ ପଢା ଜାରି ରଖିବେ ବୋଲି କହିଛନ୍ତି।

ଅବୈତନିକ ଶିକ୍ଷାଦାନ କରି ଚର୍ଚ୍ଚାକୁ ଆସିଥିବା ଏହି ଅବସରପ୍ରାପ୍ତ ଶିକ୍ଷକ ହେଲେ ରମେଶ ଚନ୍ଦ୍ର ସେଠୀ। ତାଙ୍କ ଘର ଜଗତ୍‌ସିଂହପୁର ଜିଲାରେ। ଦୀର୍ଘ ୩୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ବିଭିନ୍ନ ଜିଲାରେ ଶିକ୍ଷାଦାନ କରିଛନ୍ତି । କେନ୍ଦୁଝର ଭଳି ଆଦିବାସୀ ବହୁଳ ଜିଲାରେ ଶିକ୍ଷକତା କରି ପାଟଣା ବ୍ଲକ ଅନ୍ତର୍ଗତ ଏସଟି/ଏସସି ବିଭାଗ ଅଧୀନ ଚିଲିଦା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରୁ ୨୦୧୭ ମାର୍ଚ୍ଚ ୧୭ ତାରିଖରେ ଅବସର ଗ୍ରହଣ କରିଛନ୍ତି । ତାଙ୍କୁ ପ୍ରୋଭିଜିନାଲ ପେନସନ ମିଳିଛି। ଘରେ ତାଙ୍କର ସ୍ତ୍ରୀ ଓ ଦୁଇ ଝିଅପୁଅ। ଝିଅକୁ ବିବାହ କରାଇ ଦେଇଛନ୍ତି। ପୁଅ ବିଟେକ୍ ଇଞ୍ଜିନିୟରିଂର ଶେଷବର୍ଷ ଛାତ୍ର ।ରମେଶ କହନ୍ତି, ସେ ଚାକିରିରୁ ଅବସର ନେବା ବେଳେ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଅଭାବ ସମସ୍ୟା ଦେଖି ଅବୈତନିକ ଭାବେ ପାଠପଢାଇବାକୁନିଷ୍ପତ୍ତିନେଇଥିଲେ। ଚିଲିଦା ବିଦ୍ୟାଳୟରେ ୬ଷ୍ଠରୁ ୧୦ମ ଶ୍ରେଣୀରେ ପାଖାପାଖି ୩୦୦ ପିଲା ପଢୁଛନ୍ତି । ୧୦ ଶିକ୍ଷକଙ୍କ ସ୍ଥାନରେ ୭ ଜଣ ଅଛନ୍ତି । ଏହି ସ୍କୁଲରେ ଅବସର ନେବା ପୂର୍ବରୁ ସେ ୧ ବର୍ଷ ୮ ମାସ ପଢାଇଥିଲେ । ତାଙ୍କର ଅବୈତିକ ଶିକ୍ଷାଦାନ ନିଷ୍ପତ୍ତିକୁ ସେତେବେଳେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ରମେଶ କହନ୍ତି, ସଂସ୍କୃତ ଭାଷା ଶିକ୍ଷା ଛାତ୍ରୀଛାତ୍ରଙ୍କୁ ସଂସ୍କୃତି ସମ୍ପନ୍ନ କରିବାରେ ସହାୟକ ହୋଇଥାଏ। ଏଥିଲାଗି ଶିକ୍ଷାବ୍ୟବସ୍ଥାରେ ଏଥିପ୍ରତି ଗୁରୁତ୍ୱ ଦିଆଯାଇ ଆସୁଛି। ଉଲ୍ଲେଖନୀୟ ଯେ, ଶିକ୍ଷକ ଅଭାବ ସମସ୍ୟା ଯୋଗୁ ଅନେକ ଶିକ୍ଷାନୁଷ୍ଠାନରେ ସରକାର ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା କାର୍ଯ୍ୟ ପରୀକ୍ଷାମୂଳକ ଆରମ୍ଭ କରିଥିଲେ। କିନ୍ତୁ ରମେଶ ଏକ ଭିନ୍ନ ବ୍ୟତିକ୍ରମ । ସେ ସ୍ୱଇଚ୍ଛାରେ ଅବୈତନିକ ଭାବେ ଶିକ୍ଷାଦାନ କରିବା ସହ ସମାଜ ସେବା ଭଳି କାର୍ଯ୍ୟକୁ ଏବେ ଆଦରି ନେଇଛନ୍ତି। ଜଣେ ଛାତ୍ରବତ୍ସଳ ଶିକ୍ଷକଭାବେ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛନ୍ତି। ଆଦର୍ଶବୋଧ ବିନା ଶିକ୍ଷକ ଜୀବନ ପରିପୂର୍ଣ୍ଣ ହୁଏ ନାହିଁ ବୋଲି ସେ କହିଛନ୍ତି।

# ବାଘୁଆ ଜଳଭଣ୍ଡାରର ୪ ଗେଟ୍ ଖୋଲିଲା

ବୁଗୁଡ଼ା,୨୨।୯(ଡି.ଏନ.ଏ.)



ବାଘୁଆ ଜଳଭଣ୍ଡାରରୁ ୪ ଗେଟ ଖୋଲାଯାଇ ଜଳ ଛଡ଼ାଯାଉଛି ।

ବୁଗୁଡ଼ା ବ୍ଲକ ମତାଝରି ନିକଟସ୍ଥ ବାଘୁଆ ଜଳ ଭଣ୍ଡାରରୁ ଶନିବାର ସକାଳ ୭ଟା ୧୫ରେ ୪ ଗେଟ ଖୋଲାଯାଇ ବାଘୁଆ ନଦୀକୁ ବନ୍ୟା ଜଳ ଛଡ଼ାଯାଇଛି। ଗତ ୩ ଦିନ ଧରି ଲଗାଣ ବର୍ଷା ଯୋଗୁ ଜଳ ଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଭଞ୍ଜନଗର ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ନୀହାର ରଞ୍ଜନ ସାମନ୍ତରାଙ୍କ ନିର୍ଦ୍ଦେଶକ୍ରମେ ବୁଗୁଡ଼ା ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁଚରଣ ସାହୁ ଓ ଡ୍ୟାମ ସହକାରୀ ଯନ୍ତ୍ରୀ କାଳୀ ଚରଣ ହୋତାଙ୍କ ଉପସ୍ଥିତିରେ ବାଘୁଆ ଜଳ ଭଣ୍ଡାରରୁ ୪ ଗେଟ ଖୋଲାଯାଇଛି। ଜଳ ଭଣ୍ଡାରର ୬ ଗେଟ ମଧ୍ୟରୁ ୨, ୩, ୪ ଓ ୫ନଂ ସ୍ପିଲ୍‌ୱେ ଗେଟ ଦେଇ ବନ୍ୟା ଜଳ ଛଡ଼ାଯାଇଛି। ବର୍ତ୍ତମାନ ବାଘୁଆ ଜଳଭଣ୍ଡାର ଭିତରକୁ ପ୍ରତି ସେକେଣ୍ଡରେ ୧୪୯ ଘନ ସେଣ୍ଟିମିଟର ଜଳ ପ୍ରବେଶ କରୁଥିବା ବେଳେ ୪ ଗେଟ ଦେଇ ମଧ୍ୟ ପ୍ରତି ସେକେଣ୍ଡରେ ୧୪୯ ଘନ ସେଣ୍ଟିମିଟର ଜଳ ନିଷ୍କାସନ କରାଯାଉଛି। ଗତ ୩ ଦିନ ଧରି ବାଘୁଆରେ ୧୬୩ ମିଲି.ମି. ବର୍ଷା ହୋଇଥିବା ବେଳେ ବର୍ତ୍ତମାନ ମଧ୍ୟ ଏଠାରେ ବର୍ଷା ଲାଗି ରହିଛି। ବିଡିଓ ସଞ୍ଜୀବରାଜ ସେନାପତି ବାଘୁଆ ଯାଇ ବନ୍ୟାଜଳ ନିଷ୍କାସନର ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ବାଘୁଆ ନଦୀରେ ବନ୍ୟା ଜଳ ଛଡ଼ାଯିବାକୁ ନେଇ ନଈକୂଳିଆ ଗ୍ରାମବାସୀଙ୍କୁ ଠିଠି ଓ ଡେଙ୍ଗୁରା ମାଧ୍ୟମରେ ସତର୍କ କରି ଦିଆଯାଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

# ମାଲେସିଆରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

କୋଦଳା/ବେଗୁନିଆପଡା, ୨୨।୯(ଡି.ଏନ୍.ଏ.)



ସନ୍ତୋଷଙ୍କ (ଫାଇଲ ଫଟୋ)।

ଗଞ୍ଜାମ ଜିଲା କୋଦଳା ଥାନା ବାଦର୍ଖପଲ୍ଲୀ ଗ୍ରାମର ଜଣେ ଶ୍ରମିକଙ୍କର ମାଲେସିଆରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସନ୍ତୋଷ ଆଚାରୀ(୨୪)। ସନ୍ତୋଷ ଗତ ୩ ମାସ ତଳେ କାମ କରିବାକୁ ମାଲେସିଆ ଯାଇଥିଲେ। ଗତ ୧୩ ତାରିଖରେ ତାଙ୍କ ମୃତଦେହ ଭଡାଘରୁ ଉଦ୍ଧାର କରାଯାଇଥିଲା। ଖବର ପାଇ ପରିବାରବର୍ଗ ମାଲେସିଆ ଯାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କହିଛି। ପରିବାର ଲୋକେ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ କରିଛନ୍ତି। ଶନିବାର ତାଙ୍କର ମୃତଦେହ ବାଦପଲ୍ଲୀରେ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଛି।

# ଶିଶୁ ଶ୍ରମିକ ଉଦ୍ଧାର

ଆସିକା,୨୨।୯(ଡି.ଏନ୍.ଏ.)

ଆସିକା ପୋଲିସ ପକ୍ଷରୁ ଶନିବାର ଆସିକା ସହରର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବେସରକାରୀ ସଂସ୍ଥାରେ ନିୟୋଜିତ ୩୯ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଆସିକା ସହର ବସ୍‌ଷ୍ଟାଣ୍ଡ, ବିଜୁପଟ୍ଟନାୟକ ଛକ, କଳିଙ୍ଗା ରୋଡ ଆଦି ସ୍ଥାନରେ ବିଭିନ୍ନ ହୋଟେଲ୍, ଗ୍ୟାରେଜ୍, ତେଜରାତି ଦୋକାନ, ଫୁଟ୍‌ପାଥ୍‌ରେ ବୁଲି ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ବେଳେ ଏହି ଶିଶୁମାନଙ୍କୁ ପୋଲିସ ଉଦ୍ଧାର କରିଥିଲା।

# ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ିଲା

ବେଗୁନିଆପଡ଼ା,୨୨।୯(ଡି.ଏନ.ଏ.)

ଲଗାଣ ବର୍ଷାରେ ଶୁକ୍ରବାର ରାତିରେ ବେଗୁନିଆପଡ଼ା ବଜାର ସାହି ହନୁମାନ ବାଟିକା ନିକଟ ରାସ୍ତା ପାଖରେ ଥିବା ରବୀନ୍ଦ୍ର ପଣ୍ଡାଙ୍କ ଛାତ ଘର କାନ୍ଥ ଭୁଶୁଡ଼ି ପଡ଼ିଛି। ଅନ୍ୟ ଘରଗୁଡ଼ିକ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବର୍ଷା ପାଣିରେ କାନ୍ଥ ଭିଜି ଭୁଶୁଡି ପଡିଥିବାବେଳେ ପାଖ ଘରେ ଥିବା ଲୋକଙ୍କର କୌଣସି କ୍ଷତି ହୋଇ ନ ଥିବା ଜଣାପଡିଛି।










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ